ବର୍ଷ-୨୫, ସଂଖ୍ୟା-୧୨୫
ଭୁବନେଶ୍ୱର
୦୮, ମଇ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 125
Bhubaneswar
08,May, 2025, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ବକ୍ସ ଅଫିସରେ 'ରେଡ-୨'ର ସଫଳତା

# ପାକିସ୍ତାନ ଛାତିରେ ପହଲ୍‌ଗାମ ବଦ୍‌ଲା

**ନୂଆଦିଲ୍ଲୀ,୭।୫(ମହାଭାରତ):** ପହଲଗାମ ଆତଙ୍କୀ ଆକ୍ରମଣର ଭୀଷଣ ପ୍ରତିଶୋଧ ନେଇଛି ଭାରତ ମାତ୍ର ୨୫ ମିନିଟ୍‌ରେ ଭାରତ ମଙ୍ଗଳବାର ବିଳମ୍ବିତ ରାତିରେ ପାକିସ୍ତାନ ଓ ପାକ୍-ଅଧିକୃତ କାଶ୍ମୀର (ପିଓକେ)ରେ ଥିବା ୯ଟି ଆତଙ୍କୀ କେନ୍ଦ୍ରକୁ ଟାର୍ଗେଟ୍ କରି ଆକ୍ରମଣ କରିଛି । ଅପରେସନ୍ ସିନ୍ଦୂର ନାମରେ ନାମିତ ଏହି ଆକ୍ରମଣରେ ବାୟୁସେନା, ନୌସେନା ଓ ସ୍ଥଳସେନା ସାମିଲ ଥିଲେ । ଏହି ଆକ୍ରମଣରେ ନିଷିଦ୍ଧ ସଂଗଠନ ଜୈସ-ଏ-ମହମ୍ମଦ, ଲସ୍କର-ଏ-ତୋଇବା ଓ ହିଜବୁଲ ମୁଜାହିଦ୍ଦିନ ସହ ଜଡ଼ିତ ୯୦ରୁ ଅଧିକ ଆତଙ୍କବାଦୀ ନିପାତ ହୋଇଛନ୍ତି । ସେ ନେଇ ଦେଶବାସୀଙ୍କୁ ସୂଚନା ପ୍ରଦାନ କରିଛନ୍ତି ବୈଦେଶିକ ସଚିବ ବିକ୍ରମ ମିଶ୍ରି, ଭାରତୀୟ କର୍ଣ୍ଣେଲ ସୋଫିଆ କ୍ୟୁରେସି ଓ ଭାରତୀୟ ବାୟୁସେନାର ୱିଙ୍ଗ୍ କମାଣ୍ଡର୍ ବ୍ୟୋମିକା ସିଂହ ।

ପହଲଗାମ ଆତଙ୍କବାଦୀ ଆକ୍ରମଣର ୧୬ତମ ଦିନରେ, ଭାରତ 'ଅପରେସନ୍ ସିନ୍ଦୂର' ମାଧ୍ୟମରେ ଏହି ଆକ୍ରମଣର କଡ଼ା ଜବାବ ଦେଇଛି । ଏହା ସହିତ, ଭାରତ ବୁଧବାର ସକାଳେ ଆମେରିକା, ରୁଷିଆ ଏବଂ ବ୍ରିଟେନ ସମେତ ଅନେକ ପ୍ରମୁଖ ଦେଶକୁ 'ଅପରେସନ୍ ସିନ୍ଦୂର' କାର୍ଯ୍ୟ ବିଷୟରେ ସୂଚନା ଦେଇଛି । ଭାରତ 'ଅପରେସନ୍ ସିନ୍ଦୂର' ପାଇଁ ପାକିସ୍ତାନର ୧୦୦ କିଲୋମିଟର ପରିଧି ମଧ୍ୟରେ ୯ଟି ଆତଙ୍କବାଦୀ ଆଡ୍ଡା ଉପରେ ଅହକ୍ରମଣ କରି ଧ୍ୱଂସ କରିଛି । ତେବେ ଭାରତ ଏହି ସ୍ଥାନଗୁଡ଼ିକୁ କାହିଁକି ବାଛିଲା ତାହାର ବହୁ କାରଣ ରହିଛି । ବର୍ତ୍ତମାନର ପ୍ରାଥମିକ ସୁଚନା ଆତଙ୍କୀ ଏବେ ସୁଦ୍ଧା ୯୦ ଜଣ ନିପାତ ହୋଇଛନ୍ତି ।

ତେବେ ପହଲଗାମ୍ ଆକ୍ରମଣର ପ୍ରତିଶୋଧ ଏବଂ ନ୍ୟାୟ ଦେବାକୁ ଭାରତ ପକ୍ଷରୁ ଆରମ୍ଭ ହୋଇଥିଲା ଅପରେସନ ସିନ୍ଦୂର ।



ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୧ଟା ୦୫ରୁ ଅପରେସନ ଆରମ୍ଭ ହୋଇଥିବା ବେଳେ ରାତି ୧ଟା ୩୦ ବେଳକୁ ଅର୍ଥାତ ମାତ୍ର ୨୫ ମିନିଟରେ ସରିଯାଇଥିଲା ଅପରେସନ ସିନ୍ଦୂର । ଅପରେସନରେ ଛାରଖାର ହୋଇଗଲା ଆତଙ୍କୀଙ୍କ ଆଡ୍ଡା । ଆତଙ୍କୀଙ୍କ ୯ଟି ଠିକଣାରେ ଏୟାର ଷ୍ଟ୍ରାଇକ୍ କରି ଶିବିରଙ୍କୁ ଧ୍ୱଂସ କରିଦିଆଗଲା ବୋଲି କହିଛନ୍ତି କର୍ଣ୍ଣେଲ୍ ସୋଫିଆ । କୁରେଶୀ

ଏହି ଟାର୍ଗେଟଗୁଡ଼ିକ ପାକିସ୍ତାନ ସୀମାରୁ ୧୦୦ କିଲୋମିଟର ମଧ୍ୟରେ ଥିଲା । ସୂତ୍ର ଅନୁଯାୟୀ ଆକ୍ରମଣ ପୂର୍ବରୁ, ଏକ ଡଜନ ଆତଙ୍କବାଦୀ ଆଡ୍ଡା ଚିହ୍ନଟ କରାଯାଇଛି, ସେଗୁଡିକୁ ଟ୍ରାକ୍ କରାଯାଇଥିଲା ଏବଂ ତା'ପରେ ଆକ୍ରମଣ କରି ଧ୍ୱଂସ କରାଯାଇଛି ।ଭାରତୀୟ ବାୟୁସେନା ବୁଧବାର ପ୍ରତ୍ୟୁଷରେ ପାକ୍ ଅଧିକୃତ କଶ୍ମୀର ଏବଂ ପାକିସ୍ତାନରେ ଥିବା ଅନେକ ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରିଛି । ଭାରତୀୟ ସଶସ୍ତ୍ର ବାହିନୀ ଭାରତ ଉପରେ ଅନେକ ଆକ୍ରମଣ ପଛରେ ଥିବା ଏହି ଆତଙ୍କବାଦୀ ଶିବିରଗୁଡ଼ିକୁ ଚିହ୍ନଟ କରି ଟାର୍ଗେଟ କରିଥିଲା । ସୂତ୍ର ଅନୁଯାୟୀ, ଗୁଇନ୍ଦା ସୂଚନା ଆଧାରରେ ବାୟୁସେନା ଆକ୍ରମଣରେ ୪ଟି ଜୈଶ-ଏ-ମହମ୍ମଦ, ୩ଟି ଲସ୍କର-ଏ-ତୋଇବା ଏବଂ ୨ଟି ହିଜବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରାଯାଇଥିଲା । ଭାରତ ଦ୍ୱାରା ଟାର୍ଗେଟ କରାଯାଇଥିବା ଆତଙ୍କବାଦୀ ଆଡ୍ଡାଗୁଡ଼ିକରେ ଜୈଶ-ଏ-ମହମ୍ମଦର ମୁଖ୍ୟାଳୟ

## ୨୫ ମିନିଟ୍‌ର ଧ୍ୱଂସଲୀଳା, ୯୦ ଆତଙ୍କୀ ନିପାତ

## ପାକ୍‌ରେ ୪, ପିଓକେରେ ୫ ଆତଙ୍କୀ ଆଡ୍ଡା ନଷ୍ଟ

## ମସୁଦର ପତ୍ନୀ, ପୁଅ ସହ ପରିବାରର ୧୪ ଜଣଙ୍କ ମୃତ୍ୟୁ

ମଧ୍ୟ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଲସ୍କର-ଏ-ତୋଇବା ଏବଂ ହିଜବୁଲ ମୁଜାହିଦ୍ଦିନର ଶିବିରଗୁଡ଼ିକୁ ମଧ୍ୟ ଧ୍ୱଂସ କରାଯାଇଛି । ସବୁଠାରୁ ବଡ଼ ଆକ୍ରମଣ ବାହାବଲପୁରରେ କରାଯାଇଥିଲା, ଯାହା ଅନ୍ତର୍ଜାତୀୟ ସୀମାଠାରୁ ପ୍ରାୟ ୧୦୦ କିଲୋମିଟର ଭିତରେ ଅବସ୍ଥିତ ଜୈଶ-ଏ-ମହମ୍ମଦର ମୁଖ୍ୟାଳୟ ଧ୍ୱଂସ ହୋଇଛି ।

ସେହିପରି, ସାମ୍ବା ସେକ୍ଟର ସୀମାର ୩୦ କିଲୋମିଟର ଭିତରେ ମୁରିଦକେ ନାମକ ଏକ ସ୍ଥାନରେ ଲସ୍କର-ଏ-ତୋଇବା ଶିବିର ଥିଲା । ତାହା ମଧ୍ୟ ମାଟିରେ ମିଶିଯାଇଛି । ମୁମ୍ବାଇରେ ହୋଇଥିବା ୨୬/୧୧ ଆତଙ୍କବାଦୀ ଆକ୍ରମଣର ଆତଙ୍କବାଦୀମାନେ ଏହି ଅଞ୍ଚଳର ଥିଲେ । ସେନା ଦ୍ୱାରା ତୃତୀୟ ଆକ୍ରମଣ ଗୁଲପୁରରେ କରାଯାଇଥିଲା, ଯାହା ପୁଞ୍ଚ-ରାଜୌରୀର ନିୟନ୍ତ୍ରଣ ରେଖା ଭିତରେ ପ୍ରାୟ ୩୫ କିଲୋମିଟର ଦୂରରେ ଅବସ୍ଥିତ । ୨୦ ଏପ୍ରିଲ୍ ୨୦୨୩ରେ ପୁଞ୍ଚରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଏବଂ ଜୁନ୍ ୨୦୨୪ରେ ଯାତ୍ରୀ ଭର୍ତ୍ତି ବସ୍ ଉପରେ ହୋଇଥିବା ଆକ୍ରମଣର ମୂଳ ଏଠାରେ ଥିଲା ।ପିଓକେର ତଙ୍ଗଧାର ସେକ୍ଟର ଭିତରେ ୩୦ କିଲୋମିଟର ଦୂରରେ ଅବସ୍ଥିତ ଲସ୍କର ଶିବିର ସୱାଇକୁ ମଧ୍ୟ ଟାର୍ଗେଟ କରାଯାଇଛି । ଏହି ଶିବିର ୨୦ ଅକ୍ଟୋବର ୨୦୨୪ ରେ ସୋନମାର୍ଗ ଆକ୍ରମଣ, ୨୪ ଅକ୍ଟୋବର ୨୦୨୪ ରେ ଗୁଲମାର୍ଗ ଏବଂ ୨୨ ଏପ୍ରିଲ ୨୦୨୫ରେ ପହଲଗାମ ଆକ୍ରମଣ ପାଇଁ ଦାୟୀ ।ସେନା ଦ୍ୱାରା ଟାର୍ଗେଟ କରାଯାଇଥିବା ପଞ୍ଚମ ସ୍ଥାନ ଥିଲା ବିଲାଲ୍ କ୍ୟାମ୍ପ, ଯାହାକୁ ଜୈଶ-ଏ-ମହମ୍ମଦର ଲଞ୍ଚପ୍ୟାଡ୍ କୁହାଯାଉଥିଲା । ଷଷ୍ଠ ସ୍ଥାନ ଥିଲା ଲସ୍କର କୋଟଲି ଶିବିର, ଯାହା ରାଜୌରୀ ଜିଲ୍ଲାରେ ନିୟନ୍ତ୍ରଣ ରେଖା ଭିତରେ ୧୫କିଲୋମିଟର ଦୂରରେ ଅବସ୍ଥିତ । ଏଠାରେ ଏକ ଲସ୍କର ବୋମା ବିସ୍ଫୋରଣ ତାଲିମ କେନ୍ଦ୍ର ଥିଲା ଏବଂ ଏଥିରେ ପ୍ରାୟ ୫୦ଜଣ ଆତଙ୍କବାଦୀ ରହିବାର କ୍ଷମତା ଥିଲା ।ହିଜବୁଲ ମୁଜାହିଦ୍ଦିନର ତାଲିମ କେନ୍ଦ୍ରକୁ ମଧ୍ୟ ଟାର୍ଗେଟ କରାଯାଇଛି । ସପ୍ତମ ସ୍ଥାନ ବର୍ଣ୍ଣାଲା କ୍ୟାମ୍ପ ଯାହା ରାଜୌରୀ ଜିଲ୍ଲା ବିପରୀତ ନିୟନ୍ତ୍ରଣ ରେଖା ଭିତରେ ମାତ୍ର ୧୦ କିଲୋମିଟର ଦୂରରେ ଅବସ୍ଥିତ । ଅଷ୍ଟମ ସ୍ଥାନ ଭାବରେ, ଜୈଶର ଶିବିର କୁହାଯାଉଥିବା ସରଜଲ କ୍ୟାମ୍ପକୁ ଟାର୍ଗେଟ କରାଯାଇଛି । ଏହା ସାମ୍ବା-କାଠୁଆର ଅନ୍ତର୍ଜାତୀୟ ସୀମାଠାରୁ ମାତ୍ର ୮ କିଲୋମିଟର ଭିତରେ ଅବସ୍ଥିତ । ବାୟୁସେନାର ନବମ ଏବଂ ଶେଷ ଟାର୍ଗେଟ ଥିଲା ପାକିସ୍ତାନରେ ଅବସ୍ଥିତ ମହମୁନା ଶିବିର, ଯାହା ଅନ୍ତର୍ଜାତୀୟ ସୀମାଠାରୁ ୧୫ କିଲୋମିଟର ଭିତରେ ଅବସ୍ଥିତ । ଏହା ସିଆଲକୋଟ ନିକଟରେ ଅବସ୍ଥିତ ଏବଂ ଏହାକୁ ହିଜବୁଲ ମୁଜାହିଦ୍ଦିନର ତାଲିମ କେନ୍ଦ୍ର ବୋଲି କୁହାଯାଉଛି ।

# ରାଷ୍ଟ୍ରପତିଙ୍କୁ ତଥ୍ୟ ଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୭।୫(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ତାଙ୍କୁ ପାକିସ୍ତାନରେ ଆତଙ୍କବାଦୀ ଠିକଣା ଉପରେ ଭାରତର ଐତିହାସିକ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ କରାଯାଇଥିବା ଅପରେସନ ସିନ୍ଦୂର ସଂପର୍କରେ ସୂଚନା ଦେଇଛନ୍ତି ।



ଭାରତୀୟ ସଶସ୍ତ୍ର ବଳ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପୀଡ଼ିତ ଲୋକଙ୍କୁ ନ୍ୟାୟ ଦେବା ପାଇଁ ଅପରେସନ୍ 'ସିନ୍ଦୂର' ଚାଲାଇଥିଲେ ଓ ପାକିସ୍ତାନ ଏବଂ ପାକିସ୍ତାନ ଦ୍ୱାରା ଅଧିକୃତ ଜମ୍ମୁ-କଶ୍ମୀରରେ ଥିବା ନଅଟି ଆତଙ୍କୀ ଶିବିରକୁ ଲକ୍ଷ୍ୟ କରି ନଷ୍ଟ କରିଛନ୍ତି । ୨୨ ଏପ୍ରିଲ୍ ୨୦୨୫ ରେ ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କୀମାନେ ୨୬ ଜଣଙ୍କୁ ହତ୍ୟା କରିଥିଲେ । ରାଷ୍ଟ୍ରପତି ଭବନ ପକ୍ଷରୁ ଉଭୟ ନେତାଙ୍କର ଫଟୋ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରାଯାଇ କୁହାଯାଇଛି ଯେ, "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ କରିଛନ୍ତି ଓ ତାଙ୍କୁ ଅପରେସନ୍ 'ସିନ୍ଦୂର' ବିଷୟରେ ସୂଚନା ଦେଇଛନ୍ତି ।" ଏହି ପୂର୍ବରୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ୟାବିନେଟ୍ ବୈଠକରେ ତାଙ୍କର ସହଯୋଗୀମାନେଙ୍କୁ ଅପରେସନ୍ 'ସିନ୍ଦୂର' ବିଷୟରେ ସୂଚିତ କରିଥିଲେ ଓ ଏହାକୁ ଦେଶ ପାଇଁ ଗର୍ବର ଅବସର ବୋଲି ବର୍ଣ୍ଣନା କରିଥିଲେ । ବୈଠକ ଆରମ୍ଭରେ ସମସ୍ତ ମନ୍ତ୍ରୀମାନେ ପାକିସ୍ତାନ ଏବଂ ପାକିସ୍ତାନ ଦ୍ୱାରା ଅଧିକୃତ ଜମ୍ମୁ-କଶ୍ମୀରରେ ଥିବା ନଅଟି ଆତଙ୍କୀ । ଶିବିରକୁ ସଠିକ୍ ଭାବେ ସେନା ଆକ୍ରମଣ କରି ନଷ୍ଟ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ଅପରେସନକୁ ସଶସ୍ତ୍ର ବଳ ଏକ ଉତ୍ତମ ଆକ୍ରମଣ ବୋଲି ବର୍ଣ୍ଣନା କରିଥିଲେ ଓ ପ୍ରଧାନମନ୍ତ୍ରୀ ତାଙ୍କୁ କିପରି ପାକିସ୍ତାନ ଭିତରେ ଯାଇ ଆକ୍ରମଣ କରାଯାଇଛି ବିଷୟରେ ସୂଚିତ କରିଥିଲେ ।

## ଇସ୍କନକୁ ଚିଠି ଲେଖିଲେ ଗଜପତି ମହାରାଜା

**ଭୁବନେଶ୍ୱର,୭।୫(ମହାଭାରତ) :** ପଶ୍ଚିମବଙ୍ଗ ଦୀଘାରେ ନବ ନିର୍ମିତ ଜଗନ୍ନାଥ ମନ୍ଦିର ପାଇଁ 'ଧାମ' ଟ୍ୟାଗ୍ ବ୍ୟବହାରକୁ ନେଇ ବିବାଦ ବଢ଼ିବାରେ ଲାଗିଛି । ଏନେଇ ଗଜପତି ମହାରାଜା ଦିବ୍ୟସିଂହ ଦେବ ବୁଧବାର ଇସ୍କନର ହସ୍ତକ୍ଷେପ ଲୋଡ଼ିଛନ୍ତି । ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଗଜପତି ମହାରାଜା, ପଶ୍ଚିମବଙ୍ଗର ମାୟାପୁରରେ ଇସ୍କନର ପରିଚାଳନା ସଂସ୍ଥା କମିଶନର ଅଧ୍ୟକ୍ଷ ଗୋବର୍ଦ୍ଧନ ଦାସ ପ୍ରଭୁଙ୍କୁ ଏକ ଚିଠି ଲେଖି ଏହି ସମ୍ବେଦନ ଶୀଳ ମାମଲାର ସମାଧାନ ପାଇଁ ତାଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ।

# ସୀମାନ୍ତ ରାଜ୍ୟକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୭।୫(ମହାଭାରତ):** ସୀମାନ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭିଡିଓ କନଫରେନସିଂ(ଭିସି) ଜରିଆରେ ଗୃହମନ୍ତ୍ରୀ ଅମିତ ଶାହ ସୀମାନ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହିତ ବୈଠକ କରିଥିଲେ । ଜମ୍ମୁ-କାଶ୍ମୀର, ପଞ୍ଜାବ, ରାଜସ୍ଥାନ, ଗୁଜରାଟ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର, ସିକିମ, ପଶ୍ଚିମବଙ୍ଗ ଏବଂ ଲଦାଖର ମୁଖ୍ୟମନ୍ତ୍ରୀ ଓ ଉପରାଜ୍ୟପାଳମାନଙ୍କ ସହିତ ଏହି ବୈଠକରେ ଗୃହମନ୍ତ୍ରୀ ଶ୍ରୀ ଶାହ ଆଲୋଚନା କରିଥିଲେ । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକ ମଧ୍ୟ ସାମିଲ ହୋଇଥିଲେ । କେନ୍ଦ୍ର ଗୃହ ସଚିବ, ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ନିର୍ଦ୍ଦେଶକ, ସୀମା ସୁରକ୍ଷା ବାହିନୀ (ବିଏସଏଫ୍) ନିର୍ଦ୍ଦେଶକ ଏବଂ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସଏଫ) ନିର୍ଦ୍ଦେଶକଙ୍କ ସମେତ ଗୃହ ମନ୍ତ୍ରଣାଳୟ (ଏମଏଚଏ)ର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ । କେନ୍ଦ୍ର ଗୃହ ମନ୍ତ୍ରୀ କହିଛନ୍ତି ଯେ ସମସ୍ତ ରାଜ୍ୟ ମକ୍ ଡ୍ରିଲ୍ ପାଇଁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ପ୍ରସ୍ତୁତି କରିବା ଉଚିତ । ସେ କହିଛନ୍ତି ଯେ ହସ୍ପିଟାଲ, ଅଗ୍ନିଶମ ବାହିନୀ ଇତ୍ୟାଦି ଅତ୍ୟାବଶ୍ୟକୀୟ ସେବାଗୁଡ଼ିକର ସୁଗମ ପରିଚାଳନା ପାଇଁ ବ୍ୟବସ୍ଥା କରାଯିବା ଉଚିତ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀର ନିରନ୍ତର ଯୋଗାଣ ସୁନିଶ୍ଚିତ କରାଯିବା ଆବଶ୍ୟକ ।

ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ଏସଡିଆରଏଫ୍, ସିଭିଲ୍ ଡିଫେନ୍ସ, ହୋମଗାର୍ଡ଼, ଏନସିସି ଇତ୍ୟାଦିକୁ ସଜାଗ ରଖିବାକୁ ଗୃହ ମନ୍ତ୍ରୀ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି ଯେ ନାଗରିକ ବେସରକାରୀ ସଂଗଠନ ମାଧ୍ୟମରେ ଜନଭାଗୀଦାରୀ ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରାଯିବା ଉଚିତ

ଶାହ କହିଛନ୍ତି ଯେ ସାମାଜିକ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ପ୍ଲାଟଫର୍ମରେ ଅନାବଶ୍ୟକ ଉପାଦାନମାନଙ୍କ ଦ୍ୱାରା ଦେଶ ବିରୋଧୀ ପ୍ରଚାର ଉପରେ କଡ଼ା ନଜର ରଖିବା ଉଚିତ ଏବଂ ରାଜ୍ୟ ସରକାର ଏବଂ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ସହିତ ସମନ୍ୱୟ ରଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ । ଗୃହ ମନ୍ତ୍ରୀ କହିଛନ୍ତି ଯେ ସୁଗମ ଯୋଗାଯୋଗ ବଜାୟ ରଖିବା ପାଇଁ ସମସ୍ତ ପ୍ରୟାସ କରାଯିବା ଉଚିତ ଏବଂ ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକର ସୁରକ୍ଷାକୁ ମଧ୍ୟ ଆହୁରି ମଜବୁତ କରାଯିବା ଆବଶ୍ୟକ । ସେ ରାଜ୍ୟଗୁଡ଼ିକୁ ଜନସାଧାରଣଙ୍କ ମଧ୍ୟରେ ଅନାବଶ୍ୟକ ଭୟ ପ୍ରସାର ବନ୍ଦ କରିବାକୁ ଏବଂ ଗୁଜବ ବିରୁଦ୍ଧରେ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ପଦକ୍ଷେପ ନେବାକୁ କହିଥିଲେ ସେ କହିଛନ୍ତି ଯେ ସ୍ଥାନୀୟ ପ୍ରଶାସନ, ସେନା ଏବଂ ଅର୍ଦ୍ଧସାମରିକ ବାହିନୀ ମଧ୍ୟରେ ସମନ୍ୱୟ ଆହୁରି ବୃଦ୍ଧି କରାଯିବା ଉଚିତ ।



# ଭୁବନେଶ୍ୱରରେ ହେବ ଜାତୀୟ ଉତ୍କର୍ଷ କେନ୍ଦ୍ର

ନୂଆଦିଲ୍ଲୀ,୭।୫(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଦେଶରେ ଧନ୍ଦାମୂଳକ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଲାଗି ଏକ ପ୍ରମୁଖ ପଦକ୍ଷେପ ଗ୍ରହଣ କରାଯାଇଛି । ଦେଶରେ ଥିବା ଶିଳ୍ପ ତାଲିମ ପ୍ରତିଷ୍ଠାନଗୁଡ଼ିକର ଉନ୍ନତିକରଣ ପାଇଁ ଏକ ଜାତୀୟ ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରି ମିଳିଛି । ସେହିପରି କେନ୍ଦ୍ର ପ୍ରାୟୋଜିତ ଯୋଜନା ମାଧ୍ୟମରେ ଦକ୍ଷତା ବିକାଶ ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରାଯାଇଛି । ଭୁବନେଶ୍ୱରରେ ମଧ୍ୟ ଗୋଟିଏ କେନ୍ଦ୍ର ପ୍ରତିଷ୍ଠା ହେବ ।

ଶିଳ୍ପ ତାଲିମ ପ୍ରତିଷ୍ଠାନଗୁଡ଼ିକର ଉନ୍ନତିକରଣ ଏବଂ ଦକ୍ଷତା ବିକାଶ ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ୨୦୨୪-୨୫ ଓ ୨୦୨୫-୨୬ ବଜେଟରେ କରାଯାଇଥିବା ଘୋଷଣା ଅନୁରୂପ ହେବ ଏବଂ ଏହାକୁ ୬୦ ହଜାର କୋଟି ଟଙ୍କାର ବଜେଟ୍ ସହିତ କେନ୍ଦ୍ର ପ୍ରାୟୋଜିତ ଯୋଜନା ରୂପେ କାର୍ଯ୍ୟକାରୀ କରାଯିବ । ଏଥିରେ କେନ୍ଦ୍ର ଅଂଶଧନ ୩୦ ହଜାର କୋଟି ଟଙ୍କା, ରାଜ୍ୟ ଭାଗ ୨୦ ହଜାର କୋଟି ଟଙ୍କା ଏବଂ ଶିଳ୍ପ ଭାଗ ୧୦ ହଜାର କୋଟି ଟଙ୍କା ରହିବ । କେନ୍ଦ୍ର ଭାଗ ପାଇଁ ଏସୀୟ ବିକାଶ ବ୍ୟାଙ୍କ ଏବଂ ବିଶ୍ୱ ବ୍ୟାଙ୍କ ୫୦ ପ୍ରତିଶତ ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦେବେ ।ଏହି ଯୋଜନା ହବ୍ ଏବଂ ସ୍ପୋକ୍ ବ୍ୟବସ୍ଥାରେ ଥିବା ୧ହଜାର ଟି ସରକାରୀ ଆଇଟିଆଇ ଗୁଡ଼ିକର ଉନ୍ନତିକରଣ ଉପରେ ଧ୍ୟାନ ଦେବ । ଏସବୁ ଆଇଟିଆଇରେ ଉଦ୍ୟୋଗ ସହ ଯୋଡ଼ି ହୋଇଥିବା ନୂତନ ବୃତ୍ତିଗତ (ପାଠ୍ୟକ୍ରମ) ଗୁଡ଼ିକ ଯୋଡ଼ାଯିବ । ଦକ୍ଷତା ବିକାଶ ପାଇଁ ପାଂଚଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ସମେତ ପାଂଚଟି ଜାତୀୟ ଦକ୍ଷତା ତାଲିମ ପ୍ରତିଷ୍ଠାନ-ଏନଏସଟିଆଇର କ୍ଷମତା ବୃଦ୍ଧି ନିମନ୍ତେ ମଧ୍ୟ ଯୋଜନାକୁ କାର୍ଯ୍ୟକାରୀ କରାଯିବ ।ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ରାଜ୍ୟ ସରକାର ଏବଂ ଶିଳ୍ପ ସହଯୋଗରେ ବର୍ତ୍ତମାନର ଆଇଟିଆଇ ଗୁଡ଼ିକୁ ସରକାରୀ ମାଲିକାନାଧୀନ ଶିଳ୍ପ ପରିଚାଳିତ ଆକାଂକ୍ଷୀ ଦକ୍ଷତା ବିକାଶ ପ୍ରତିଷ୍ଠାନ ଭାବେ ପ୍ରତିଷ୍ଠା କରିବା । ପାଂଚ ବର୍ଷର ଅବଧି ମଧ୍ୟରେ, ୨୦ ଲକ୍ଷ ଯୁବବର୍ଗ ଶିଳ୍ପ କ୍ଷେତ୍ରର ମାନବ ସମ୍ବଳର ଆବଶ୍ୟକତାକୁ ପୂରଣ କରୁଥିବା ପାଠ୍ୟକ୍ରମ ତାଲିମ ପାଇ କୁଶଳୀ ହେବେ । ଏହି ଯୋଜନା ସ୍ଥାନୀୟ ଶ୍ରମଶକ୍ତି ଯୋଗାଣ ଏବଂ ଶିଳ୍ପ ଚାହିଦା ମଧ୍ୟରେ ସମନ୍ୱୟ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେବ, ଯାହାଦ୍ୱାରା ଏମ୍.ଏସ୍.ଏମ୍.ଇ. ସମେତ ଶିଳ୍ପାନୁଷ୍ଠାନଗୁଡ଼ିକୁ ନିଯୁକ୍ତି ପାଇଁ ପ୍ରସ୍ତୁତ ଶ୍ରମ ବଳ ମିଳିପାରିବ ।

# ୨୬ ନକ୍ସଲ ନିପାତ

**ମାଲକାନଗିରି,୭।୫(ମହାଭାରତ):** ସୀମାନ୍ତ ତେଲେଙ୍ଗାନା ଏବଂ ଛତିଶଗଡ଼ର ବିଜାପୁରକୁ ଲାଗି ରହିଥିବା କାରଗେଟ୍ଟା ଜଂଗଲରେ ଗତ ୧୬ ଦିନ ଧରି ଯବାନ ଲଗାତାର ଅପରେସନ ଜାରି ରଖିଛନ୍ତି । ଢକାଲି ରାତିରୁ ଜଂଗଲରେ ନକ୍ସଲଙ୍କ ସହ ଗୁଳିବିନିମୟ ଜାରି ରହିଛି । ଆଜି ଦିନ ତମାମ ରହି ରହି ଗୁଳିବିନିମୟ ଘଟିଛି । ତେବେ ଘଟଣାସ୍ଥଳରେ ଯବାନ ସର୍ଚ୍ଚ ଅପରେସନ କରୁଥିବା ବେଳେ ୨୬ ଜଣ ନକ୍ସଲଙ୍କର ଶବ ମିଳିଥିବା ସୂଚନା ମିଳିଛି । ଗତ ୨୨ ଏପ୍ରିଲରୁ ଆରମ୍ଭ ହୋଇଥିବା ଏହି ଅପରେସନରେ ୧୦ ହଜାର ଯବାନ ସାମିଲ ହୋଇଛନ୍ତି । ଗତ କିଛି ତଳେ ୩ ଜଣ ଏବଂ ଗତ ଦୁଇ ଦିନ ତଳେ ଜଣେ ମହିଳା ନକ୍ସଲଙ୍କୁ ଯବାନ ମାରିଥିଲେ । ଆଜି ବଡ଼ ଏନକାଉଣ୍ଟରରେ ୨୬ ଜଣ ନକ୍ସଲ ମୃତ୍ୟୁବରଣ କରିଥିବା ସୂଚନା ମିଳୁଛି ।

## ବିମାନସେବା ପ୍ରଭାବିତ

**ନୂଆଦିଲ୍ଲୀ,୭।୫(ମହାଭାରତ):** ଭାରତ ଦ୍ୱାରା ପାକିସ୍ତାନର ୯ଟି ଆତଙ୍କବାଦୀ ଠିକଣା ଉପରେ ଗତକାଲି ବିଳମ୍ବିତ ରାତିରେ ହୋଇଥିବା ଆକ୍ରମଣ ପରେ ସୃଷ୍ଟି ହୋଇଥିବା ସାମରିକ ଉତ୍ତେଜନାର ପ୍ରଭାବ ବିମାନ ସେବା ଉପରେ ବି ଦେଖିବାକୁ ମିଳିଛି । ସୁରକ୍ଷା କାରଣରୁ ଦେଶର କିଛି ଏୟାରପୋର୍ଟରୁ ଉଡାଣ ସେବା ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି । ଅପରେଶନ ସିନ୍ଦୂର ପରେ, ଭାରତର ଆଉ ଏକ ବଡ଼ ନିଷ୍ପତ୍ତି ସାମ୍ନାକୁ ଆସିଛି, ଯାହା କାରଣରୁ



ମେ ୧୦ ପର୍ଯ୍ୟନ୍ତ ୯ଟି ବିମାନବନ୍ଦରକୁ ବନ୍ଦ କରିବାକୁ କୁହାଯାଇଛି । ଏଥିରେ ଜମ୍ମୁ, ଯୋଧପୁର, ଅମୃତସର, ଚଣ୍ଡିଗଡ଼, ରାଜକୋଟ, ଭୁଜ, ଶ୍ରୀନଗର, ଲେହ ଏବଂ ଜାମନଗର ବିମାନବନ୍ଦରର ଅନ୍ତର୍ଭୁକ୍ତ ଭାରତର ପ୍ରମୁଖ ବିମାନ କମ୍ପାନୀଗୁଡ଼ିକ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସେମାନଙ୍କର ଉଡ଼ାଣ ବିଷୟରେ ସୂଚନା ପ୍ରଦାନ କରିଛନ୍ତି । ଇଣ୍ଡିଗୋ ଏୟାରଲାଇନ୍ସ ୧୬୦ଟି ଘରୋଇ ବିମାନ ଉଡ଼ାଣ ବାତିଲ କରିଛି । ଏହା ସହିତ, ଇଣ୍ଡିଗୋ ଏୟାରଲାଇନ୍ସର ୧୬୦ ଟି ଘରୋଇ ଉଡ଼ାଣ ବାତିଲ କରାଯାଇଛି । ଯଦି ଆମେ ଦିଲ୍ଲୀ ବିମାନବନ୍ଦର ବିଷୟରେ କହିବା, ତେବେ ଏଠାରେ ବିଭିନ୍ନ ଏୟାରଲାଇନ୍ସର ୨୦ଟି ବିମାନ ବାତିଲ କରାଯାଇଛି ।

# ୫ ବିଭାଗର ୮ ପ୍ରସ୍ତାବ ଉପରେ ମଞ୍ଜୁରୀ

ଭୁବନେଶ୍ୱର,୭।୫(ମହାଭାରତ): ରାଜ୍ୟ କ୍ୟାବିନେଟ୍‌ରେ ୫ ବିଭାଗର ୮ଟି ପ୍ରସ୍ତାବକୁ ମଞ୍ଜୁରୀ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବେଠକରେ ଅନୁମୋଦନ ମିଳିଛି । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ରାଜ୍ୟ ସରକାର ବିପର୍ଯ୍ୟୟ ପ୍ରତିରୋଧକ ସଡ଼କ ନାଁରେ ନୂତନ ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାକୁ କ୍ୟାବିନେଟରେ ମଞ୍ଜୁରୀ ମିଳିଛି । ଏଥିରେ ୧୦୦୦ କୋଟି ଟଙ୍କାର ବ୍ୟୟରେ ପ୍ରାୟ ୫୦୦ କିମି ନୂତନ ରାସ୍ତା ନିର୍ମାଣ କରାଯିବ । ନୂତନ ଯୋଜନାରେ ନିର୍ବାଚନ ମଣ୍ଡଳୀରେ ନୂଆ ସଡ଼କ ନିର୍ମାଣ ହେବା ସହିତ ପୁରୁଣା ସଡ଼କର ମରାମତି ହେବ । ସେହିପରି ବିପର୍ଯ୍ୟୟ ପ୍ରତିରୋଧକ ସଡ଼କ ନାଁରେ ନୂତନ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି ରାଜ୍ୟ ସରକାର । ଏହାଦ୍ୱାରା ରାସ୍ତାର ଉନ୍ନତିକରଣ ହେଲେ ଶିକ୍ଷାନୁଷ୍ଠାନ, ଚିକିତ୍ସା ସୁବିଧା, ବ୍ଲକ/ଗ୍ରାମ ପଞ୍ଚାୟତ ମୁଖ୍ୟାଳୟ, ବଜାର ସ୍ଥାନ ଓ ପର୍ଯ୍ୟଟନସ୍ଥଳ ଆଦି ସହିତ ଉତ୍ତମ ସଂଯୋଗୀକରଣ ହୋଇପାରିବ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ମଳ: ସାର୍ବଜନୀନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆନୁଷଙ୍ଗିକ ସେବାକୁ ସୁଦୃଢ଼ କରିବା ଏହି ଯୋଜନାକୁ ୫ ବର୍ଷ ଜାରି ରଖିବାକୁ ଅନୁମୋଦନ ମିଳିଛି । ରାଜ୍ୟ ସରକାର କ୍ୟାବିନେଟ୍ ବୈଠକରେ ସାର୍ବଜନୀନ ସ୍ୱାସ୍ଥ୍ୟ



କେନ୍ଦ୍ରଗୁଡ଼ିକରେ ଆନୁଷଙ୍ଗିକ ସେବା ବୃଦ୍ଧି ପାଇଁ : Nirmal: Strengthening Ancillary Services atPublic Health Facilities" (2nd phase) ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି ।ଏହାସହ ହାଉସ କିପିଂ, ସ୍ୱଚ୍ଛତା ସେବା, ଲିନେନ୍ ଓ ଲଣ୍ଡ୍ରି ସେବା, ସୁରକ୍ଷା ସେବା ଓ ଆଟେଣ୍ଡାଣ୍ଟ ସେବା ଇତ୍ୟାଦି ଆନୁଷଙ୍ଗିକ ସେବାଗୁଡିକର କାର୍ଯ୍ୟକାରିତାକୁ ଆହୁରି ବୃଦ୍ଧି କରିବା ନିମନ୍ତେ ପାଞ୍ଚ ବର୍ଷରେ ପ୍ରାୟ ୫,୧୭୪.୭୯ କୋଟି ଟଙ୍କା ଖର୍ଚ୍ଚ ହେବ ।

ପ୍ରାଣୀଧନ ଚିକିତ୍ସା ବୈଷୟିକ ସେବା ନିୟମ, ୨୦୨୪କୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି ।ପ୍ରସ୍ତାବିତ ଓଡ଼ିଶା ପ୍ରାଣୀ ଚିକିତ୍ସା ବୈଷୟିକ ସେବା (ନିଯୁକ୍ତି ସର୍ତ୍ତାବଳୀ) ନିୟମ, ୨୦୨୪ ଅନୁଯାୟୀ, ପୂର୍ବରୁ ବିଦ୍ୟମାନ ଓଡ଼ିଶା ଅଣ ଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ ସେବା (ନିଯୁକ୍ତି ସର୍ତ୍ତାବଳୀ) ନିୟମ, ୧୯୮୩ ଓ ପରବର୍ତ୍ତୀ ସମସ୍ତ ସଂଶୋଧନକୁ ବଦଳାଇବା ସହିତ ପୁରୁଣା ଓ ଅନାବଶ୍ୟକ ନିୟମକୁ ପ୍ରତ୍ୟାହାର କରିଛନ୍ତି । ଏହାଛଡ଼ା ଅତୀତରେ ପୁର୍ନଗଠିତ ହୋଇଥିବା ଓଡ଼ିଶା ପ୍ରାଣୀଧନ ଚିକିତ୍ସା ବୈଷୟିକ ସେବା କ୍ୟାଡରକୁ ନିୟନ୍ତ୍ରିତ କରିବା ନିମନ୍ତେ ପ୍ରସ୍ତାବ ରଖାଯାଇଛି ।ଓଡିଶା ପ୍ରାଣୀଧନଚିକିତ୍ସା ବୈଷୟିକ ସେବା କ୍ୟାଡରରେ ୧୧୩ ନୂତନ ପଦବୀ ସୃଷ୍ଟି କରାଯାଇ ଏହାର କ୍ଷମତା ୪,୦୪୫ରୁ ୪,୧୫୮କୁ ବୃଦ୍ଧି କରାଯାଇଛି ।

ବାଣିଜ୍ୟ ଓ ପରିବହନ ବିଭାଗରେ ମୁଖ୍ୟମନ୍ତ୍ରୀ ବସ୍ ସେବା କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ଏଥିରେ ରାଜ୍ୟର ସମସ୍ତ ବ୍ୟବସାୟ ସ୍ଥଳ/ବାଣିଜ୍ୟ କେନ୍ଦ୍ର, ଶିକ୍ଷା ଓ ସ୍ୱାସ୍ଥ୍ୟାନୁଷ୍ଠାନ ଓ ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନକୁ ନିରାପଦ, ନିର୍ଭରଯୋଗ୍ୟ, ସୁଲଭ ଓ ଦକ୍ଷ ସାର୍ବଜନୀନ ପରିବହନ ବସ୍ ସେବା ମିଳିବ । ବସ୍ ଚଳାଚଳରେ ଦକ୍ଷତା ଓ ସ୍ୱଚ୍ଛତା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ବସ୍ ସେବାର ସମ୍ପୂର୍ଣ୍ଣ ନବୀକରଣ କରାଯିବ । ଏହାଛଡ଼ା ବସ୍ ଗୁଡ଼ିକର ତଦାରଖ ଓ ନିୟନ୍ତ୍ରଣ ପାଇଁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମକୁ ଦାୟିତ୍ୱ ମିଳିବ । ବସ୍‌ଗୁଡ଼ିକରେ ସିସିଟିଭି କ୍ୟାମେରା, ଲାଇଭ୍ ଭ୍ୟାନ୍ ଟ୍ରାକିଂ, ଯାତ୍ରୀ ସୂଚନା ବ୍ୟବସ୍ଥା ଓ ପାନିକ୍ ବଟନ୍ ଇତ୍ୟାଦି ବନ୍ଦୋବସ୍ତ କରାଯିବ । ମୁଖ୍ୟମନ୍ତ୍ରୀ ବସ୍ ସେବାରେ ମହିଳା, ଟ୍ରାନ୍ସଜେଣ୍ଡର, ଛାତ୍ର, ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ବାର୍ତ୍ତାନୁକୂଳ ଓ ଅଣ-ବାର୍ତ୍ତାନୁକୂଳ ବସ୍ ଭଡ଼ାରେ ୫୦% ରିହାତି ବ୍ୟବସ୍ଥା କରିଛନ୍ତି ରାଜ୍ୟ ସରକାର ।

## ଜନସାଧାରଣଙ୍କୁ ପାକ୍‌ର ଟାର୍ଗେଟ, ୧୫ ମୃତ

**ନୂଆଦିଲ୍ଲୀ,୭।୫:** ମଙ୍ଗଳବାର ରାତିରେ ପାକିସ୍ତାନ ନିୟନ୍ତ୍ରଣ ରେଖା (ଏଲଓସି) ଏବଂ ଆନ୍ତର୍ଜାତୀୟ ସୀମାରେ ଅଯଥା ଗୁଳିଚାଳନା ଏବଂ ଭାରୀ ଗୋଳାବର୍ଷଣ କରିବାରୁ ଜମ୍ମୁ ଓ କାଶ୍ମୀରର ପୁଞ୍ଚ ଏବଂ ତାଙ୍ଗଧାର ଅଞ୍ଚଳରେ ୧୫ ଜଣ ଭାରତୀୟଙ୍କର ମୃତ୍ୟୁ ହୋଇଛି ଏବଂ ୪୩ ଜଣ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୪ ଜଣ ଶିଶୁ ଅଛନ୍ତି । ଏହି ପ୍ରତିକ୍ରିୟା ଭାରତ ରାତି ୧:୦୫ ରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ 'ଅପରେସନ ସିନ୍ଦୁର' ଅହାରମ୍ଭ କରିବା ପରେ ହୋଇଥିଲା, ଯେଉଁଥିରେ ୨୫ ମିନିଟ ଧରି ପାକିସ୍ତାନ ଉପରେ ଆକ୍ରମଣ କରାଯାଇ ଜୈଶ-ଏ-ମହମ୍ମଦ, ଲସ୍କର-ଏ-ତୈବା ଏବଂ ହିଜବୁଲ ମୁଜାହିଦ୍ଦୀନ ସହ ଜଡ଼ିତ ନଅଟି ଆତଙ୍କବାଦୀ ଶିବିରକୁ ଟାର୍ଗେଟ କରାଯାଇଥିଲା ।ରିପୋର୍ଟ ଅନୁଯାୟୀ ଘଟଣାସ୍ଥଳରେ ପାକିସ୍ତାନୀ ଗୋଳାବର୍ଷଣ ଦ୍ୱାରା ଜମ୍ମୁ ଓ କାଶ୍ମୀରର ଏଲଓସି ଏବଂ ଆନ୍ତର୍ଜାତୀୟ ସୀମା ନିକଟବର୍ତ୍ତୀ ଘରଗୁଡ଼ିକରେ ହୋଇଥିବା ଧ୍ୱଂସ ଦେଖିବାକୁ ମିଳିଛି । ଦୃଶ୍ୟରେ ଘରଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା, ଚଟିଆଡ଼େ ଭଙ୍ଗାରୁଜା ଏବଂ ଝରକା ନିକଟରେ କାଚ ଖଣ୍ଡ ଛିଟିକି ରହିଥିବା ଦେଖାଯାଇଛି ।ଏସଏଡି ମୁଖ୍ୟ ସୁଖବୀର ସିଂ ବାଦଲ ଏକ୍ସରେ କହିଛନ୍ତି ଯେ ପୁଞ୍ଚ ଜିଲାରେ କେନ୍ଦ୍ରୀୟ ଗୁରୁଦ୍ୱାର ଶ୍ରୀ ଗୁରୁ ସିଂ ସଭା ସାହିବ ଉପରେ ପାକିସ୍ତାନୀ ବାହିନୀ ଆକ୍ରମଣ କରିବାରୁ ୧୦ ଜଣଙ୍କ ମଧ୍ୟରେ ୪ ଜଣ ଗୁରସିଖ ନିହତ ହୋଇଛନ୍ତି । ଭାଇ ଅମରିକ ସିଂ ଜୀ (ଜଣେ ରାଗୀ ସିଂ), ଭାଇ ଅମରଜୀତ ସିଂ ଏବଂ ଭାଇ ରଞ୍ଜିତ ସିଂ ଏହି ତିନି ଜଣଙ୍କ ମଧ୍ୟରେ ରହିଛନ୍ତି ।

## ଆଳୁ ମଖନି



**ଆବଶ୍ୟକୀୟ ସାମଗ୍ରୀ :** ଆଳୁ, ଜିରା, କାଜୁ, ହଳଦୀ ଗୁଣ୍ଡ, ଗରମ ମସଲା, ଲଙ୍କା ଗୁଣ୍ଡ , ଦହି, କ୍ଷୀର, ଅଦା, ରସୁଣ, ଫ୍ରେଶ୍ କ୍ରିମ, ତେଲ, ଘିଅ ଓ ଲୁଣ ।

**ପ୍ରସ୍ତୁତ ପ୍ରାଣଳୀ :** ପ୍ରଥମେ ଅଦା, ରସୁଣ ଓ କାଜୁକୁ ମିଶାଇ ପେଷ୍ଟ ତିଆରି କରନ୍ତୁ । ସେହିପରି ଅଳ୍ପ କିଛି କାଜୁ ଭାଜି ରଖନ୍ତଓ ଆଳୁକୁ ଫ୍ରାଏ କରନ୍ତୁ । ଏଗୁଡିକୁ ବେଶୀ ଲାଲ୍ କରିବେ ନାହିଁ । ଆଳୁ ଗୋଲ୍ଡେନ କଲର ହୋଇଆସିଲେ ଏହାକୁ ଏକ ପ୍ଲେଟକୁ ବାହାର କରନ୍ତୁ ।

ଏହାପରେ ଅନ୍ୟ ଏକ କଡେଇରେ ଘିଅ ଗରମ କରି ଜିରା ପକାନ୍ତୁ । ଜିରା ଫୁଟିଗଲା ପରେ ସେଥିରେ ଭଜା କାଜୁ, ହଳଦୀ ଗୁଣ୍ଡ, ଗରମ ମସଲା, ଲଙ୍କା ଗୁଣ୍ଡ ଓ ଅଦା ରସୁଣ କାଜୁ ପେଷ୍ଟ ପକାଇ ଦୁଇ ମିନିଟ୍ ପର୍ଯ୍ୟନ୍ତ କଷନ୍ତୁ । ଏହାପରେ ଫ୍ରାଏ କରି ରଖିଥିବା ଆଳକୁ ପକାଇ ଆଉ କିଛି ସମୟ ମସଲାକୁ କଷନ୍ତୁ ।

ମସଲା ଭଲ ଭାବେ କଷି ହୋଇଗଲେ ଗ୍ୟାସର ଆଞ୍ଚ ଧିମା କରି ଦହି, କ୍ଷୀର, ପାଣି , ଅଳ୍ପ ଫ୍ରେଶ କ୍ରିମ୍ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାନ୍ତୁ । ସିଝିବା ପାଇଁ ଏହାକୁ ୩ ମିନିଟ୍ ଛାଡି ଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା 'ଆଳୁ ମଖନି' ।

## ଖବର

# ଆୟରେ ୧୦୦ କୋଟି ଟଙ୍କାର ରେକର୍ଡକୁ ଭାଙ୍ଗିଲା ରେଡ-୨





ଅଜୟ ଦେବଗନ ଏବଂ ରିତେଶ ଦେଶମୁଖଙ୍କ ଅଭିନୀତ ଫିଲ୍ମ 'ରେଡ୍ ୨' ମେ ୧ ତାରିଖରେ ସିନେମା ହଲ୍କୁ ଆସିଥିଲା । ପ୍ରଥମ ଦିନରେ ଏହି ଫିଲ୍ମ ଦୁଇଟି ଦକ୍ଷିଣ ଭାରତୀୟ ଫିଲ୍ମ 'ରେଟ୍ରୋ' ଏବଂ 'ହିଟ୍ ୩' ସହିତ ଏବଂ ବଲିଉଡ୍ ଫିଲ୍ମ 'ଭୂତନି' ସହିତ ଟକ୍କର ଦେଇଥିଲା । ତଥାପି, 'ରେଡ୍ ୨' ବକ୍ସ ଅଫିସରେ ଏକ ଜବରଦସ୍ତ ଓପନିଂ କରିଥିଲା ଏବଂ ଏହା ପରେ ଏହି ସମସ୍ତ ଫିଲ୍ମକୁ ପଛରେ ପକାଇ ଦେଇଥିଲା ଏବଂ ରିଲିଜ୍ ହେବାର ୬ ଦିନ ମଧ୍ୟରେ ଏହାର ବଜେଟ୍ ଅପେକ୍ଷା ଅନେକ ଗୁଣ ଅଧିକ ବ୍ୟବସାୟ କରିଥିଲା । ଏହି ଫିଲ୍ମ କେବଳ ଭାରତରେ ନୁହେଁ ବରଂ ସାରା ବିଶ୍ୱରେ ବହୁତ ଚର୍ଚ୍ଚା କରୁଛି । ଆସନ୍ତୁ ଜାଣିବା 'ରେଡ୍ ୨' ରିଲିଜ୍ ହେବାର ୬ ଦିନରେ ସାରା ବିଶ୍ୱରେ କେତେ ଟଙ୍କା ସଂଗ୍ରହ କରିଛି । 'ରେଡ୍ ୨' ସାରା ବିଶ୍ୱରେ ବକ୍ସ ଅଫିସରେ ରାଜ କରୁଛି ଏବଂ ଚମତ୍କାର ପ୍ରଦର୍ଶନ କରୁଛି । ଫିଲ୍ମର ବିଶ୍ୱବ୍ୟାପୀ କଲେକ୍ସନ ବିଷୟରେ କହିବାକୁ ଗଲେ, ଏହା ବିଶ୍ୱବ୍ୟାପୀ ୧୦୮.୬୫ କୋଟି ଟଙ୍କା ରୋଜଗାର କରିଛି । ଏହା ସହିତ, ଫିଲ୍ମଟି ରିଲିଜ୍ ହେବାର ଗୋଟିଏ ସପ୍ତାହ ପୂର୍ବରୁ ୧୦୦ କୋଟି ଟଙ୍କା ଅତିକ୍ରମ କରିଛି ।ଏକ ରିପୋର୍ଟ ଅନୁଯାୟୀ, ରେଡ୍ ୨ ମଙ୍ଗଳବାର ଦିନ ୬.୭୫ କୋଟି ଟଙ୍କା ରୋଜଗାର କରିଛି, ଯାହା ଫଳରେ ଏହାର ମୋଟ ନେଟ୍ ଇଣ୍ଡିଆ ସଂଗ୍ରହ ୮୫.୫୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏହା ସହିତ, ଏହା କେଶରୀ ୨ (୮୧.୭୯ କୋଟି) ରେକର୍ଡକୁ ଭାଙ୍ଗିଦେଇଛି ଏହି ଫିଲ୍ମଟି ରାଜକୁମାର ଗୁପ୍ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିବାବେଳେ ଅଜୟ ଦେବଗନ ପୁଣି ଥରେ ଫିଲ୍ମରେ ଅମୀୟ ପଟ୍ଟନାୟକଙ୍କ ଭୂମିକାରେ ଆସିଛନ୍ତି । ତାଙ୍କର ଅଭିନୟକୁ ଅଧିକାଂଶ ସମୀକ୍ଷକ ପ୍ରଶଂସା କରିଛନ୍ତି । କେବଳ ତାଙ୍କ ଅଭିନୟ ନୁହେଁ, ଫିଲ୍ମର ଅନ୍ୟ କଳାକାରମାନେ ମଧ୍ୟ ସେମାନଙ୍କ ଅଭିନୟରେ ଧମାକା କରୁଥିବାର ଦେଖାଯାଉଛି । ସୌରଭ ଶୁକ୍ଲା, ଅମିତା ସିଆଲଙ୍କଠାରୁ ରିତେଶ ଦେଶମୁଖଙ୍କ ପର୍ଯ୍ୟନ୍ତ, ସମସ୍ତେ ବଳିଷ୍ଠ ଅଭିନୟ କରିଛନ୍ତି ।

# ଘର ନିର୍ମାଣରେ ବାସ୍ତୁର ଉପଚାର

ଘରର ଯେକୌଣସି ଦରଜାର ସାମ୍ନା ଅଥବା ପଛରେ କ୍ୟାଲେଣ୍ଡର ଲଗାଇବା ଉଚିତ ନୁହେଁ । ଏହା ଦ୍ୱାରା ପରିବାରର ସଦସ୍ୟଙ୍କ ଆୟୁ ଉପରେ ଏହାର କୁପ୍ରଭାବ ପଡ଼େ ।

ଘରର ଆଖପାଖ ସ୍ଥାନରେ ବୃକ୍ଷ ଲଗାଇଲେ, ଏହା ଖୁବ ଶୁଭ ଫଳ ପ୍ରଦାନ କରିଥାଏ । ପରିବାର ସଦସ୍ୟଙ୍କ ଶରୀର ମଧ୍ୟ ସୁସ୍ଥ ରହିଥାଏ । ଗୃହରେ କାଠ ନିର୍ମିତ ବସ୍ତୁ ବ୍ୟବହାର କରିବା ଉଚିତ । ଏହା ଦ୍ୱାରା ଘରେ ସର୍ବଦା ଆନନ୍ଦର ବାତାବରଣ ରହିଥାଏ ।

ଜୋତା ପିନ୍ଧି ଘର ଭିତରକୁ ପ୍ରବେଶ କରିବା ଉଚିତ ନୁହେଁ । ଏହା ଦ୍ୱାରା ଜୋତା ସହ ଘର ଭିତରକୁ ଦିନ ଯାକର ସମସ୍ତ ଚିନ୍ତା ଓ ନକରାତ୍ମକ ଶକ୍ତି ମଧ୍ୟ ପ୍ରବେଶ କରିଥାଏ ।

ଘରର କୋଣରେ ଶୋଇବା ଘର ହେବା ଆବଶ୍ୟକ । ଶୋଇବା ଘରେ ମାଟିରେ ନିର୍ମିତ ଫୁଲଦାନୀରେ ହଳଦିଆ ରଙ୍ଗର ଫୁଲ ରଖିଲେ, ଏହା ଖୁବ ଶୁଭଫଳ ପ୍ରଦାନ କରିଥାଏ ।

ଝାଡୁକୁ ସର୍ବଦା ଘରର କୋଣରେ ଲୁଚାଇ ରଖିବା ଆବଶ୍ୟକ ।

ପ୍ରତ୍ୟେକ ଦିନ ସକାଳ ଓ ରାତିରେ ଖାଦ୍ୟ ପ୍ରସ୍ତୁତ ହେବା ପରେ ପ୍ରଥମେ ସେହି ଖାଦ୍ୟ ରୋଷେଇ ପ୍ରସ୍ତୁତ ହେଉଥିବା ଗ୍ୟାସ ନିକଟରେ କିମ୍ବା ଚୁଲି ନିକଟରେ କିଛି ସମର୍ପଣ କରନ୍ତୁ । ଏପରି କରିବା ଦ୍ୱାରା ଘରେ ଖାଦ୍ୟର ଅଭାବ ହୋଇନଥାଏ ଓ ସର୍ବଦା ସୁଖଶାନ୍ତି ରହିଥାଏ ।

ରୋଷେଇ ଘର ନିକଟରେ ଠାକୁର ଘର ରଖନ୍ତୁ ନାହିଁ । ଏପରି କରିବା ଦ୍ୱାରା ଘରେ ଅଶାନ୍ତିର ବାତାବରଣ ରହିଥାଏ ।

ରୋଷଇ ଘରକୁ ସର୍ବଦା ସଫାସୁତୁରା ରଖନ୍ତୁ, ଭଙ୍ଗାରୁଜା ଦ୍ରବ୍ୟ ରୋଷେଇ ଘରେ ରଖନ୍ତୁ ନାହିଁ । ଏପରି କରିବା ଦ୍ୱାରା



ସଦସ୍ୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହୋଇଥାଏ ଓ ରୋଗଗ୍ରସ୍ତ ରହିଥାଆନ୍ତି ।

ରୋଷେଇ ଘର ନିକଟରେ ଗାଧୁଆ ଘର ଆଦୌ ରଖନ୍ତୁ ନାହିଁ । ଏହା ଅଶୁଭ ଅଟେ । ଏପରି ହେବା ଦ୍ୱାରା ଘରେ ନକରାତ୍ମକ ଶକ୍ତିର ପ୍ରଭାବ ରହିଥାଏ ।

ଅଗାଧୁଆ ରୋଷେଇ ଘରେ ପ୍ରବେଶ କରନ୍ତୁ ନାହିଁ ।

ଘରର ମୁଖ୍ୟ ଦରଜା ସମ୍ମୁଖରେ ମଧ୍ୟ ରୋଷେଇ ଘରେ ରଖନ୍ତୁ ନାହିଁ ।

କୌଣସି ପ୍ରକାରର ଔଷଧ ମଧ୍ୟ ରୋଷେଇ ଘରେ ରଖନ୍ତୁ ନାହିଁ ।

# ବାସ୍ତୁ ବିଚାର : ଘରେ ଲଗାନ୍ତୁ ଏହିସବୁ ଗଛ



ବାସ୍ତୁ ଶାସ୍ତ୍ର ଓ ପୁରାଣ ଅନୁସାରେ ଗଛକୁ ଶୁଭ ବୋଲି କୁହାଯାଏ । ବାସ୍ତୁ ଅନୁସାରେ, କଦଳୀ, ତୁଳସୀ ଓ ଅଁଳା ଗଛ ଘରେ ଲଗାଇଲେ ଶୁଭ ଫଳ ପ୍ରାପ୍ତି ହୋଇଥାଏ । ଏହି ତିନୋଟି ଗଛରେ ଦେବତା ବାସ କରିଥାନ୍ତି । ତେଣୁ ଏହି ତିନୋଟି ଗଛକୁ ପୂଜା କଲେ ଅତି ଶୁଭ ବୋଲି ମାନ୍ୟତା ରହିଛି । । ତେବେ ଏହି ଗଛ କେଉଁ ଦିଗରେ ଲଗାଇବା ଉଚିତ୍ ବୋଲି ସେ ନେଇ ଉଲ୍ଲେଖ ରହିଛି । ହିନ୍ଦୁ ଧର୍ମ ଅନୁସାରେ ତୁଳସୀ ଗଛର ବିଶେଷ ଗୁରୁତ୍ୱ ରହିଛି । ପ୍ରତି ଘରେ ଏହି ଗଛକୁ ପୂଜା କରା ଯାଇଥାଏ । ଏହି ଗଛକୁ ପୂଜା କଲେ ଘରୁ ନକାରାତ୍ମକ ଶକ୍ତି ଦୂର ହୋଇଥାଏ ବୋଲି ବାସ୍ତୁରେ କୁହାଯାଇଛି । ବାସ୍ତୁ ଅନୁସାରେ ଗଛକୁ ଘରର ପୂର୍ବ ଦିଗ କିମ୍ବା ଉତ୍ତର-ପୂର୍ବ ଦିଗରେ ଲଗାନ୍ତୁ । ଏପରି କଲେ ଧନପ୍ରାପ୍ତି ହୋଇଥାଏ । କଦଳୀ ଗଛକୁ ହିନ୍ଦୁ ଧର୍ମରେ ପବିତ୍ର ବୋଲି ବିବେଚନା କରାଯାଏ । ପ୍ରତ୍ୟେକ ପୂଜାରେ କଦଳୀ ପତ୍ରକୁ ବ୍ୟବହାର କରାଯିବା ସହିତ କଦଳୀକୁ ଭୋଗ କରା ଯାଇଥାଏ । ଘରେ ଏହି ଗଛ ଲଗାଇଲେ ଶାନ୍ତି ଓ ସମୃଦ୍ଧି ପ୍ରାପ୍ତି ହୋଇଥାଏ । ବସ୍ତୁ ଅନୁସାରେ ଘରେ କଦଳୀ ଗଛକୁ ଉତ୍ତର-ପୂର୍ବ ଦିଗରେ ଲଗାନ୍ତୁ । ହିନ୍ଦୁ ଧର୍ମଶାସ୍ତ୍ର ଅନୁସାରେ ଅଁଳା ଗଛରେ ସବୁ ଦେବାଦେବୀ ବାସ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ସେଥିପାଇଁ ହିନ୍ଦୁ ଧର୍ମରେ ଅଁଳା ନବମୀ ମଧ୍ୟ ରହିଛି । ଏହି ଗଛକୁ ପୂଜା କଲେ ପାପ କ୍ଷୟ ହୋଇଥାଏ ବୋଲି ମଧ୍ୟ ବାସ୍ତୁ ଶାସ୍ତ୍ରରେ ଉଲ୍ଲେଖ ରହିଛି । ତେଣୁ ଏହି ଗଛକୁ ଘରର ଅଗଣାରେ ଲଗାନ୍ତୁ । ଦେବଦାରୁ ଗଛକୁ ଅଶୋକ ଗଛ ମଧ୍ୟ କୁହାଯାଇଥାଏ । ଏହି ଗଛକୁ ଘରେ ଲଗାଇଲେ ଘରୁ ନକାରାତ୍ମକ ଶକ୍ତି ଦୂର ହୋଇଥାଏ । ତେଣୁ ଏହି ଗଛକୁ ଘରର ଉତ୍ତର ଦିଗରେ ଲଗାନ୍ତୁ । ସେହିପରି ଅରଖ ଗଛକୁ ଘରେ ଲଗାଇଲେ ଅଚାନକ ଧନ ପ୍ରାପ୍ତି ହୋଇଥାଏ ବୋଲି ବାସ୍ତୁ ଶାସ୍ତ୍ରରେ କୁହାଯାଇଛି । ଏହି ଗଛର ଫୁଲକୁ ଭଗବାନ ଶିବଙ୍କ ପାଖରେ ଅର୍ପଣ କରାଯାଇଥାଏ । ଯଦି ଆପଣ ଏହି ଗଛ ଘରେ ଲଗାଉଛନ୍ତି, ତେବେ ଉତ୍ତର ପୂର୍ବ ଦିଗରେ ଲଗାନ୍ତୁ । ଏହି ଗଛ ଘରେ ଲଗାଇଲେ ଆପଣଙ୍କର ଶତ୍ରୁ ଦୂର ହୋଇଥାନ୍ତି ଏବଂ ଆପଣଙ୍କ ଜୀବନସାଥୀ ସହିତ ପ୍ରେମ ସଂପର୍କ ମଧ୍ୟ ବୃଦ୍ଧି ପାଇଥାଏ ।

# ଜୀବନ ସହ ଜଡିତ ଅନେକ ସମସ୍ୟାର ସମାଧାନ ହଳଦୀ



ଭାରତୀୟ ବ୍ୟଞ୍ଜନରେ ହଳଦୀର ମୁଖ୍ୟ ଭୂମିକା ରହିଛି । ଭାରତୀୟ ମସଲାରେ ହଳଦୀର ଅନେକ ମହତ୍ତ୍ୱ ରହିଛି । ହଳଦୀ ବିନା ଯେକୌଣସି ବ୍ୟଞ୍ଜନ ଅଧୁରା । ଏହା ବ୍ୟଞ୍ଜନର ରଙ୍ଗ ବଢାଇବା ସହ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ହିତକର । ହଳଦୀର ଅନେକ ସ୍ୱାସ୍ଥ୍ୟଗତ ଗୁଣ ରହିଛି । ହଳଦୀ ରୋଗ ପ୍ରତିରୋଧକ କ୍ଷମତା ମଧ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଜ୍ୟୋତିଷଶାସ୍ତ୍ରରେ ମଧ୍ୟ ହଳଦୀର ଅନେକ ମହତ୍ତ୍ୱ ରହିଛି । ହଳଦୀ କେବଳ ଏକ ମସଲା ନୁହେଁ ବରଂ ଗ୍ରହ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଦୂର କରିଥାଏ । ଏହା ଆର୍ଥିକ ସମସ୍ୟା ମଧ୍ୟ ଦୂର କରିଥାଏ ।

ଜାଣନ୍ତୁ ହଳଦୀ ସମ୍ବନ୍ଧୀୟ କିଛି ବିଶେଷ ଜ୍ୟାତିଷ



ଉପାୟ :

୧. ପ୍ରତି ଗୁରୁବାର ଦିନ ଘରେ ହଳଦୀ ପାଣି ଛିଞ୍ଚନ୍ତୁ । ଏହିଭଳି କଲେ ମା' ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ଏବଂ ଘରକୁ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ ।

୨. ଯଦି କୌଣସି ଜରୁରୀ କାମ ପାଇଁ ବାହାରକୁ ଯାଉଛନ୍ତି ତାହେଲେ ହଳଦୀର ତିଳକ ଲଗାଇ ଘରୁ ଯାଆନ୍ତୁ । ଏହା ଶୁଭ ବୋଲି କୁହାଯାଏ । ହଳଦୀ ତିଳକ ଲଗାଇ ଗଲେ ସବୁ କାର୍ଯ୍ୟ ସିଦ୍ଧି ହୋଇଥାଏ ବୋଲି କୁହାଯାଏ ।

୩. ଘରର ଚାରିପଟେ ହଳଦୀରେ ରେଖା ଟାଣି ଦିଅନ୍ତୁ । ଜ୍ୟୋତିଷଶାସ୍ତ୍ରରେ ଏହାକୁ ବହୁତ ଶୁଭ ବୋଲି କୁହାଯାଏ । ଏହିଭଳି କଲେ ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିପାରେନାହିଁ ଓ ଘରେ ଥିବା ସକାରାତ୍ମକ ଶକ୍ତି ବଜାୟ ରହେ ।

୪. ଯଦି କେହି ବ୍ୟକ୍ତି ମାନସିକ ସ୍ତରରେ ଚିନ୍ତିତ ଥାଆନ୍ତି କିମ୍ବା ଅବସାଦଗ୍ରସ୍ତ ଥାଆନ୍ତି ତାହେଲେ ତାଙ୍କୁ ପ୍ରତିଦିନ ହଳଦୀ ପାଣିରେ ସ୍ନାନ କରିବା ଉଚିତ । ଏହାଦ୍ୱାରା ବ୍ୟକ୍ତି ଉର୍ଜାବାନ ଅନୁଭବ କରେ ବୋଲି କୁହାଯାଏ ଏବଂ ସବୁ ପ୍ରକାର ଖରାପ ଚିନ୍ତାରୁ ମଧ୍ୟ ମୁକ୍ତ ହୋଇଥାଏ ।

୫. ଯଦି ଆପଣଙ୍କ କୁଣ୍ଡଳୀରେ ବୃହସ୍ପତି ଗ୍ରହ ଦୁର୍ବଳ ସ୍ଥିତିରେ ଥାଆନ୍ତି ତାହେଲେ ଏବଂ ଆପଣ ବୃହସ୍ପତିଙ୍କୁ ମଜବୁତ କରିବାକୁ ଚାହୁଁଥାନ୍ତି ତାହେଲେ ପ୍ରତିଦିନ ପୂଜା ସମୟରେ ମଣିବନ୍ଧ କିମ୍ବା ବେକରେ ହଳଦୀ ଟୀକା ଲଗାଇବା ଉଚିତ । ଏହା ଦ୍ୱାରା ଗୁରୁ ଗ୍ରହ ମଜବୁତ ହୋଇଥାଏ ।

୬. ହଳଦୀ କେବଳ ଉପଯୋଗ ପାଇଁ ନୁହେଁ ବରଂ ଦାନ ପାଇଁ ମଧ୍ୟ ଶୁଭ ହୋଇଥାଏ । ହଳଦୀ ଦାନ କରିବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି କୁହାଯାଏ ।

୭. ଯଦି ରାତିରେ ଶୋଇବା ସମୟରେ ଖରାପ ସ୍ୱପ୍ନ ଆସୁଥାଏ ତାହେଲେ ଗଣ୍ଠି ହଳଦୀରେ ନାଲି ପୂଜା ସୁତା ବାନ୍ଧି ରାତିରେ ଶୋଇବାବେଳେ ମୁଣ୍ଡ ପାଖରେ ରଖି ଦିଅନ୍ତୁ । ଏହି ଉପାୟ ଦ୍ୱାରା ଆଉ ଖରାପ ସ୍ୱପ୍ନ ଆସିବନି ।

# କଳାଜିରାରେ ରହିଛି ଅନେକ ସ୍ୱାସ୍ଥ୍ୟକାରୀ ଗୁଣ

ରୋଷେଇ ଘରେ ବ୍ୟବହୃତ ହେଉଥିବା ମସଲା ଗୁଡିକ ମଧ୍ୟରୁ ଗୋଟିଏ ହେଉଛି କଳାଜିରା । ଏହା ଦେଖିବାକୁ କଳା ରଙ୍ଗର । ଆୟୁର୍ବେଦ ବିଶେଷଜ୍ଞଙ୍କ ମତ ଅନୁସାରେ



କଳାଜିରା ଶରୀରରେ ଅନେକ ରୋଗରୁ ଭଲ କରିଥାଏ । ତା'ହେଲେ ଆସନ୍ତୁ ଜାଣିବା କଳାଜୀରାରୁ ସ୍ୱାସ୍ଥ୍ୟଜନିତ କେଉଁ କେଉଁ ଲାଭ ମିଳିଥାଏ ।

■ ଟାଇପ-୨ ଡାଇବେଟିସ ପୀଡିତ ବ୍ୟକ୍ତି ପ୍ରତିଦିନ କଳାଜିରା ଖାଇବା ଉଚିତ । ଏହାଦ୍ୱାରା ଶରୀରରେ ତିଆରି ହେଉଥିବା ଗ୍ଲୁକୋଜ କମ୍ ହୋଇଥାଏ ଏବଂ ଇନସୁ୍ୟଲିନ୍ ତିଆରି ହେବା କ୍ଷମତା ବଢିଥାଏ । ଆହୁରି ମଧ୍ୟ ଶରୀରରେ ଥିବା ବିଟା ସେଲର କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଥାଏ ।

■ ସପ୍ତାହକୁ ଦୁଇଥର କଳାଜିରା ଖାଇଲେ ହାଇପର୍ ଟେନନ୍ସ ମୁକ୍ତି ମିଳିବା ସହିତ ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ ।

■ କଳାଜିରାକୁ ପାଣିରେ ଫୁଟାଇ ବାତ ମାରୁଥିବା ରୋଗୀଙ୍କୁ ଏହାର ପାଣି ପର୍ମିଇବାକୁ ଦିଅନ୍ତୁ । ଦେଖିବେ ବାତ ରୋଗ ଭଲ ହୋଇଯିବ ।

■ କଫ ସମସ୍ୟା ଥିଲେ କଳାଜିରା ତେଲ ଖାଆନ୍ତୁ । ଏହାର ତେଲ ଖାଲି ପେଟରେ ଖାଇଲେ ଅନେକ ରୋଗ ଭଲ ହୋଇଥାଏ ।

■ କଳାଜିରା ତ୍ୱଚା ସମ୍ବନ୍ଧୀୟ ରୋଗକୁ ଠିକ୍ କରିଥାଏ । ଏହାକୁ ଖାଇଲେ ତ୍ୱଚା କୋମଳ ଓ ଉଜ୍ଜ୍ୱଳ ହୋଇଥାଏ ।

■ କଳାଜିରା ତେଲ କେଶରେ ଲଗାଇଲେ କେଶ କଳା ହୋଇଥାଏ ।

■ ଯେଉଁମାନଙ୍କର ଦାନ୍ତରେ ସମସ୍ୟା ରହିଛି କିମ୍ବା ଦାନ୍ତ ପୋକ ଖାଉଛି, ସେମାନେ ରାତିରେ ଶୋଇବା ପୂର୍ବରୁ ତୁଳାରେ କଳାଜିରା ତେଲ ଲଗାଇ ଦାନ୍ତ ମୂଳରେ ଲଗାଇ ଶୁଅନ୍ତୁ । ଦେଖିବେ ଦାନ୍ତରେ ଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଯିବେ ।

# ବିବିଧାତା ଭିତରେ ଏକତା ଆମର ଶକ୍ତି

**ଭୁବନେଶ୍ୱର,୬।୫ (ମହାଭାରତ):** ରଙ୍ଗବତୀ ପରି କାର୍ଯ୍ୟକ୍ରମ କେବଳ ଏକ ଉତ୍ସବ ନୁହେଁ, ଏହା ହେଉଛି ଏକ ଘୋଷଣା ଯେ, ଓଡ଼ିଶା ଏବେ ତାଙ୍କର ଅନୁପମ କଳାକୁ ଗର୍ବର ସହ ଆଗକୁ ବଢ଼ାଉଛି। ରଙ୍ଗବତୀ କେବଳ ଏକ ଗୀତ ନୁହେଁ, ଏହା ନିଜ ଅତ୍ମୀୟତାର ଅନୁଭବ, ରମ୍ୟତା ଓ ଉଦ୍ଦୀପନାର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା କେନ୍ଦୁଝର ଜିଲ୍ଲାର କାଳି ପଡିଆଠାରେ ଆୟୋଜିତ ସାଂସ୍କୃତିକ ମହୋତ୍ସବ 'ରଙ୍ଗବତୀ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି।




ମୁଖ୍ୟମନ୍ତ୍ରୀ କହିଥିଲେଯେ, ଆମେ ଓଡ଼ିଆ, ସବୁଠୁ ବଡିଆ ଓଡିଶାର ପ୍ରତ୍ୟେକ କୋଣ ଅନୁକୋଣରେ ଭରି ରହିଛି ଲୋକଗୀତ, ଲୋକନୃତ୍ୟର ମଧୁର ମୂର୍ଚ୍ଛନା। ଏହି ବିବିଧାତା ଭିତରେ ଏକତା ଆମର ଶକ୍ତି। ଆମ ରାଜ୍ୟରେ ଭାଷା ଅଞ୍ଚଳ ବଦଳିବା ସହିତ ବଦଳି ଯାଇଥାଏ ଭାଷା, ଅଲଗା ସିନା କିନ୍ତୁ ପରିଚୟ ଏକ। ପ୍ରତ୍ୟେକ ଜିଲ୍ଲାର ଭାଷାରେ କିଛି ନା କିଛି ସ୍ୱତନ୍ତ୍ରତା ଦେଖିବାକୁ ମିଳିବ। ଏହି ମଞ୍ଚ ଆଜି ସ୍ଥାନ ଦେଇଛି ଅନେକ କଳାକାରଙ୍କୁ। ଓଡ଼ିଶାର କୋଣ ଅନୁକୋଣରୁ ଆଜି କଳାକାରମାନେ ନିଜର ପ୍ରତିଭା ଦେଖାଇବା ପାଇଁ ଗୋଟିଏ ଜାଗାରେ ଏକତ୍ରିତ ହୋଇଛନ୍ତି। ଏହାହିଁ ଆମ ଏକତାର ପ୍ରତୀକ। ଓଡିଶାର ପ୍ରସିଦ୍ଧ ଗୀତ ରଙ୍ଗବତୀ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ରଙ୍ଗବତୀ ଗୀତ ଅନେକ ପୁରୁଣା ରଙ୍ଗବତୀ ଗୀତ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ହେଉଛି ଓଡ଼ିଆ ମାଟିର ସ୍ପନ୍ଦନ। ଓଡ଼ିଶାର ଲୋକସଂସ୍କୃତିର ଏକ ଅମୂଲ୍ୟ ଅଂଶ ହେଉଛି ରଙ୍ଗବତୀ ଗୀତଟି ଆଜି କେବଳ ଓଡିଶା ନୁହେଁ, ସାରା ଭାରତର ବିଭିନ୍ନ ରାଜ୍ୟର ଏକ ଲୋକପ୍ରିୟ ଗୀତର ମାନ୍ୟତା ଲାଭ କରିଛି। ଯେଉଁଭଳି ଆମେ ବିକାଶର ରାସ୍ତାରେ ଆଗେଇ ଯାଉଛୁ, ସେହିପରି ଆମ ସଂସ୍କୃତିକ ମୂଲ୍ୟବୋଧ, ଆମର ଲୋକକଳା, ଆମ ଉତ୍ସବ, ପର୍ବ ଓ ଐତିହ୍ୟକୁ ସୁରକ୍ଷିତ ରଖିବା ଆମର ପ୍ରଥମ ଦାୟିତ୍ୱ। ଏହିପରି ମହୋତ୍ସବ, ଆମ ତରୁଣ ପିଢିକୁ ଆମ ଦେଶ ଓ ଅଞ୍ଚଳର ସଂସ୍କୃତି ସହ ପରିଚୟ କରାଇଥାଏ ବୋଲି ସେ କହିଥିଲେ। ସେ ପୁଣି କହିଥିଲେଯେ, ଆଜି ଆମ ସରକାର କଳାକାରଙ୍କୁ ବିକାଶର ମୁଖ୍ୟସ୍ରୋତକୁ ଆଣିବାକୁ ପ୍ରତିଶ୍ରୁତିବଦ୍ଧ। ସେମାନଙ୍କ ଶ୍ରମ ଓ ଦକ୍ଷତାକୁ ଜନାଭିମୁଖୀ କରିବା ପାଇଁ ଚେଷ୍ଟିତ। ୧୧ ମାସରେ ଆମେ ସରକାରକୁ ଆସି ଲୋକଙ୍କ ପାଖକୁ ପହଞ୍ଚି ପାରିଲୁ। ଆମେ ଶୁନ୍ୟରୁ ଆରମ୍ଭ କରି, ଏକ ନୂତନ ଦିଗରେ ଯିବାପାଇଁ ଅଗ୍ରସର ହେଉଛୁ। ଏହି ଅବସରରେ ଉଚ୍ଚଶିକ୍ଷା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେଯେ, ରଙ୍ଗବତୀ ଭଳି କାର୍ଯ୍ୟକ୍ରମ ଦେଶର ସମସ୍ତ କଳା ଓ କଳାକାର ମାନଙ୍କ ପାଇଁ ଉଦ୍ଦିଷ୍ଟ କାରଣ କଳାକାର ମାନଙ୍କର ସୀମା ସରହଦ ନଥାଏ। କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ ଓ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ ଦ୍ୱାଗତ ଭାଷଣ ଦେଇଥିବା ବେଳେ, ଓଡ଼ିଆ ସାହିତ୍ୟ ଏକାଡେମୀ ସଚିବ ଡ଼କ୍ଟର ଚନ୍ଦ୍ରଶେଖର ହୋତା ଧନ୍ୟବାଦ ଦେଇଥିଲେ।

## ନକଲି କ୍ଷୀର ଗୋଦାମରେ ଚଢ଼ାଉ

**କଟକ,୬।୫ (ମହାଭାରତ):** ନକଲି କ୍ଷୀର ଗୋଦାମରେ ରେଡ ହୋଇଛି। ତରାସାହିର ବାଲିସାହିରେ ନକଲି କ୍ଷୀର ନେଇ ଚଢ଼ାଉ ହୋଇଛି। ତରାସାହିର ବାଲିସାହିରେ ଥିବା ଏହି ଗୋଦାମରେ ନକଲି କ୍ଷୀର ପ୍ରସ୍ତୁତ କରାଯାଉଥିବା ନେଇ ଖବର ମିଳିବା ପରେ ପ୍ରଶାସନ ପକ୍ଷରୁ ସେଠାରେ



ଚଢାଉ କରାଯାଇଛି। ଅପମିଶ୍ରିତ କ୍ଷୀର ସହ ବସ୍ତା ବସ୍ତା ପାଉଡର୍ ହେଲା ଜବତ। ସୂଚନା ଅନୁସାରେ ଅପମିଶ୍ରିତ କ୍ଷୀର ଓମଫେଡ୍ ହେଉଥିଲା ସପ୍ଲାଏ। ଦୀର୍ଘଦିନ ଧରି ଚାଲିଥିଲା ଅପମିଶ୍ରିତ କ୍ଷୀର କାରବାର। ଚାଷୀଙ୍କଠାରୁ କ୍ଷୀର ନେଇ କରାଯାଉଥିଲା ଅପମିଶ୍ରଣ। ଏହି ଅପମିଶ୍ରିତ କ୍ଷୀର ବିଭିନ୍ନ କମ୍ପାନୀକୁ ଯୋଗାଣ କରାଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଖବର ପାଇ ଜଗତସିଂହପୁର ଜିଲ୍ଲା ପ୍ରଶାସନର ୫ ଜଣିଆ। ଟିମ୍ ଚଢାଉ କରି ଘଟଣାର ତଦନ୍ତ ଜାରି ରହିଛି। ଓଡ଼ିଶା ଦୁଗ୍ଧ ମହାସଂଘ ବା ଓମଫେଡ୍ ପକ୍ଷରୁ କୁହାଯାଇଛି ଯେ, ଓମଫେଡ ଉପଯୁକ୍ତ ପରୀକ୍ଷାନିରୀକ୍ଷା କରି କ୍ଷୀର ସଂଗ୍ରହ କରୁଛି। ଉକ୍ତ ଗୋଦାମରୁ ଓମଫେଡକୁ କ୍ଷୀର ଆସେନାହିଁ। ସେହି ଗୋଦାମ ଅପମିଶ୍ରିତ କ୍ଷୀର ଯୋଗାଣ କରୁଥିବା ଜଣାପଡ଼ିବା ପରେ ତା' ନାମରେ ମାମଲା ରୁଜୁ କରାଯାଇଛି।

### ବିଶ୍ୱ ମୁକ୍ତ ଗଣମାଧ୍ୟମ ଦିବସ

## ଆମେ ନିରପେକ୍ଷ, ନିର୍ଦ୍ୱନ୍ଦ୍ୱ ଏବଂ ସାହସିକତା ବଜାୟ ରଖିବୁ

**ଭୁବନେଶ୍ୱର,୬।୫ (ମହାଭାରତ):** ଗଣମାଧ୍ୟମରେ କାର୍ଯ୍ୟରତ ଏବଂ ଗଣମାଧ୍ୟମକୁ ଆପଣାଇଥିବା ପାଠକ ସମସ୍ତ ବ୍ୟକ୍ତିଙ୍କ ପାଇଁ ଏହା ଏକ ଆନନ୍ଦିତ ଅବସର। ଆମେ ମୁକ୍ତ, ସ୍ୱାଧୀନ ଓ ନିରପେକ୍ଷ ଏହା କହିବା ସହଜ, ହେଲେ କରି ଦେଖାଇବା କଷ୍ଟସାଧ। ତଥାପି ଆମେ ଆମର ଲଢେଇ ଜାରି ରଖିଛୁ। ଲୋକଙ୍କୁ ନ୍ୟାୟ ଦେବା ପାଇଁ ଆମେ ବଳିଦାନ ବି ଦେଇପାରୁ, ଏଭଳି ସ୍ପଷ୍ଟ ମନ୍ତବ୍ୟ ରଖିଥିଲେ 'ବଡ଼ ଖବର'ର ଓ ଖୁବ୍ ଶୀଘ୍ର ଲୋକାର୍ପଣ କରିବାକୁ ଯାଉଥିବା 'ସମାଲୋଚନା'ର ସମ୍ପାଦକ ଅର୍ଦ୍ଧେନ୍ଦୁ କୁମାର ଦାସ। ସାମ୍ବାଦିକତା ନାମକୁ ମାତ୍ର, ହେଲେ ଏ କ୍ଷେତ୍ରରେ କାର୍ଯ୍ୟରତ ଯେଉଁ ବ୍ୟକ୍ତି ନିଜ ନିର୍ଭୀକତାରେ ସମାଜର କଲ୍ୟାଣ ପାଇଁ କାମ କରୁଛନ୍ତି ସେମାନଙ୍କୁ ଆମେ ଶ୍ରଦ୍ଧା ଓ ସମ୍ମାନ ଜଣାଉଛୁ। ଆଗାମୀ ଦିନରେ ଲୋକଙ୍କ ପାଇଁ ସାମ୍ବାଦିକତା ମାଧ୍ୟମରେ ସେବା ଦେବାକୁ ସଂକଳ୍ପବଦ୍ଧ ବ୍ୟକ୍ତିଙ୍କୁ ଆମେ ଆଶିଷ ଓ ସାହସ ପ୍ରଦାନ କରୁଛୁ। ସର୍ବଦା ସତ୍ୟ, ନିରପେକ୍ଷ ଓ ନିଷ୍ଠାର ସହିତ ଖବର ପରିବେଷଣ କରିବା ସମୟରେ ସାମ୍ବାଦିକଙ୍କୁ ଅନେକ ସମୟରେ ବହୁ ମୂଲ୍ୟ ଦେବାକୁ ପଡ଼ିଥାଏ ବୋଲି ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରିଥିଲେ। ଏଭଳି ମାର୍ଗଦର୍ଶନ ଓ ଆର୍ଶୀବଚନ ଦେଇଥିଲେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ। ଅନ୍ୟତମ ଅତିଥି ନୀଳାଦ୍ରି ଭୂଷଣ ମହାପାତ୍ର ଏଭଳି ମତବ୍ୟକ୍ତ କରିଥିଲେ ଯେ, ସାମ୍ବାଦିକର ଏକ ସ୍ୱତନ୍ତ୍ର ସମ୍ମାନ ଓ ଗାରିମା ରହିଛି। ଏହାକୁ ସେ ବଜାୟ ରଖିବା ପାଇଁ ଚେଷ୍ଟା କରିବା ଆବଶ୍ୟକ। ପହଲଗ୍ରାମ ଆତଙ୍କୀ ଆକ୍ରମଣରେ ମୃତ ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

ଅନ୍ୟତମ ସମ୍ମାନିତ ଅତିଥିଙ୍କ ମଧ୍ୟରେ ବିଶ୍ୱାବାଣୀର ବିନୋଦ ସାହୁ, ଓମ୍ ସାର୍ଥକର କୃଷ୍ଣଚନ୍ଦ୍ର ବାରିକ, ଉତ୍କଳ ବୁଲେଟିନର ସଂପାଦକ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ବାଳକୃଷ୍ଣ ରାଉତ, ପ୍ରମେୟର ପ୍ରତିନିଧି ଶୁଭ୍ରାଂଶୁ କୁମାର ମହାରଣା, ସାମ୍ବାଦିକା ସାବିତ୍ରୀ ଏବଂ ଫ୍ୟାଶନ ଡିଜାଇନର ରିଚା ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ସତ୍ୟ ପାଣିଗ୍ରାହୀ ସଂଯୋଜନା କରିବା ସହ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରିୟାଂଶୁ ପ୍ରିୟଦେବ।

ଡେନିମ୍ ଆଣ୍ଡ ବ୍ଲୁଜ୍ ପକ୍ଷରୁ ଆୟୋଜିତ 'ବିଶ୍ୱ ମୁକ୍ତ ଗଣମାଧ୍ୟମ ଦିବସ' ପାଳନ ଅବସରରେ ଅତିଥି, ସାମ୍ବାଦିକ, ସାହିତ୍ୟିକ, କଳାକାର, କ୍ରୀଡ଼ାବିତ ଏବଂ ସମାଜସେବୀମାନେ ଏକାଠି ହୋଇ ଏଭଳି ମାର୍ଗଦର୍ଶକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସହିଦ ନଗରସ୍ଥିତ ହମ୍ପି ଡମ୍ପି ସ୍କେଟ୍ ପକ୍ଷରୁ କୁନି କୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଖାଦ୍ୟଶସ୍ୟରେ ଆତ୍ମନିର୍ଭରଶୀଳ ହେବ ଓଡ଼ିଶା

**ଭୁବନେଶ୍ୱର,୬।୫ (ମହାଭାରତ):** ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ସ୍ୱଳ୍ପ ସମୟ ମଧ୍ୟରେ କରିଥିବା କୃଷକ କଲ୍ୟାଣକାରୀ ଯୋଜନା ଏକ ଐତିହାସିକ ପଦକ୍ଷେପ। ଧାନ କୁଇଂଟାଲ ପିଛା ୩୧୦୦ ଟଙ୍କା ଦେବା, ୫୮ ସବ୍‌ଡିଭିଜନରେ ଶୀତଳ ଭଣ୍ଡାର କରିବା, ୧୫ ଲକ୍ଷ ହେକ୍ଟର ଜମିକୁ ଜଳ ସେଚିତ କରିବା ନିଷ୍ପତି, ସିଏମ୍ କିଶାନ ଯୋଜନା ଇତ୍ୟାଦି କୃଷକ କଲ୍ୟାଣକାରୀ ଯୋଜନା ଓଡ଼ିଶାର ଚାଷୀମାନଙ୍କ ଆୟକୁ ଦୁଗୁଣିତ କରିବା ସହ ରାଜ୍ୟକୁ ଖାଦ୍ୟଶସ୍ୟରେ ଆତ୍ମନିର୍ଭରଶୀଳ କରିବ ବୋଲି ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ୍‌ଠାରେ କୃଷକ ମୋର୍ଚ୍ଚା ପକ୍ଷରୁ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟ ସଭପତି ଶ୍ରୀ ମନମୋହନ ସାମଲ କହିଛନ୍ତି।




ଶ୍ରୀ ସାମଲ କହିଛନ୍ତି ଯେ, ବିଜେପି ସରକାର ଧାନର ସହାୟକ ମୂଲ୍ୟ ବୃଦ୍ଧି କରିବା ସହ କୃଷି ଭିତିଭୂମିର ବିକାଶ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସରକାରଙ୍କ ଏସବୁ କୃଷି କଲ୍ୟାଣକାରୀ ଯୋଜନାଗୁଡ଼ିକୁ ରାଜ୍ୟର ସବୁ ଲୋକଙ୍କ ପାଖରେ ପହଂଚାଇବାକୁ ସେ କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତାମାନଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାର ଓ ସଂଗଠନର ମିଳିତ ପ୍ରୟାସରେ ଓଡ଼ିଶାକୁ କୃଷି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିହେବ ବୋଲି ଶ୍ରୀ ସାମଲ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ କହିଛନ୍ତି ଯେ, କୃଷକଙ୍କୁ ନୂଆ ବୈଷୟିକ ଜ୍ଞାନ ଓ କୌଶଳ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। କେବଳ ଧାନ ନୁହେଁ ଅନ୍ୟାନ୍ୟ ଚାଷ କ୍ଷେତ୍ରରେ ରାଜ୍ୟ ଏବେ ରପ୍ତାନୀ ରାଜ୍ୟ ଭାବେ ପରିଣତ ହୋଇଛି। ଢେଙ୍କାନାଳରୁ ଆମ୍ବ, ବଲାଙ୍ଗୀରରୁ ଷ୍ଟ୍ରବେରୀ ଏବଂ ଜୈବିକ ଫଳ ରପ୍ତାନି କରାଯାଉଛି। ୫୮ଟି ଉପଖଣ୍ଡରେ ଏଲ୍‌ଇଡି ମାଧ୍ୟମରେ ଚାଷୀଙ୍କୁ କୃଷକ କଲ୍ୟାଣ ଯୋଜନା ବିଷୟରେ ଅବଗତ କରାଯାଉଛି। ସରକାର ସବୁଜ ବିପ୍ଳବ ଉପରେ ଗୁରୁତ୍ୱ ଦେଉଛନ୍ତି। ଯାହା ଚାଷୀଙ୍କୁ ଆଗାମୀ ଦିନରେ ତିନିଗୁଣ ଲାଭ ଦେବ ବୋଲି ଶ୍ରୀ ସିଂଦେଓ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ମନ୍ତ୍ରୀ ସୁରେଶ ପୂଜାରୀ ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରି ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଉପରେ ଗୁରତ୍ୱାରୋପ କରିଥିଲେ। କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଏହି ବୈଠକ ଆୟୋଜନ କରାଯାଇଥିଲା। ଏହି ଅବସରରେ ଶ୍ରୀ ସାହୁ କହିଛନ୍ତି ଯେ, ରାଜ୍ୟର ୨୦ଟି ଜିଲ୍ଲାରେ ୧୭ ଲକ୍ଷ ମେଟ୍ରିକ ଟନ୍ ରବି ଧାନ କିଣାଯିବ। ଏହି ଧାନ କିଣା କାରବାରବେଳେ ସମସ୍ତ ଧାନମଣ୍ଡିରେ ବିଜେପି କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତାମାନେ ଜାଗ୍ରତ ପ୍ରହରୀ ଭଳି କାମ କରିବେ। ଯେଉଁ ପ୍ରଶାସନିକ ଅଧିକାରୀ ଓ ମିଲର ବାଧା ସୃଷ୍ଟି କଲେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାର ନିଷ୍ପତି ନେଇଛନ୍ତି ବୋଲି ଶ୍ରୀ ସାହୁ କହିଛନ୍ତି। ବୈଠକରେ ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ଉପସଭାପତି ତଥା କୃଷକ ମୋର୍ଚ୍ଚା ପ୍ରଭାରୀ ଗୋଲକ ମହାପାତ୍ରଙ୍କ ସମେତ ଶିବାଜୀ ମହାନ୍ତି, ହଳପାଣି ମାଝୀ, ପୁଲିନ ପୁହାଣ, ଉପେନ୍ଦ୍ର ଭଞ୍ଜ, ମନୋଜ ସାହୁ, ପ୍ରଶାନ୍ତ ସ୍ୱାଇଁ, ବିକ୍ରମ କେଶରୀ ରାଉତରାୟ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



**ଭୁବନେଶ୍ୱର,୬।୫ (ମହାଭାରତ):** ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ବରିଷ୍ଠ ନାଗରିକ ସଙ୍ଘ ପକ୍ଷରୁ ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଏକ ମେଗା ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କୃଷ୍ଣଚନ୍ଦ୍ର ସୁଆରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସନ୍‌ସାଇନ୍ ହସ୍ପିଟାଲର ହୃଦରୋଗ ବିଭାଗ ବିଶେଷଜ୍ଞ ଡ. ଶ୍ୱେତାଙ୍ଗ ଦାଶ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡ. ସିଦ୍ଧାର୍ଥ ପ୍ରଧାନ, ଭେଷଜ ବିଶେଷଜ୍ଞ ଡ. ମୌସୁମୀ ପତି ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ କିପରି ଜୀବନଶୈଳୀରେ ବଞ୍ଚିବାକୁ ହେବ ସେ ଉପରେ ପରାମର୍ଶ ଦେଇଥିଲେ ଏବଂ ଲୋକମାନଙ୍କୁ ଚିକିତ୍ସା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ରବୀନ୍ଦ୍ର ନାଥ ପଟ୍ଟନାୟକ, କୋଷାଧ୍ୟକ୍ଷ ବଂଶୀଧର ନାୟକ, ଯୁଗ୍ମସମ୍ପାଦକ କ୍ଷୀରୋଦ ଚନ୍ଦ୍ର ମଲ୍ଲିକ ଓ ସହକୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ ସଂଘର ରାଜ୍ୟ ସଭାପତି ଡ. ମଧୁମାଧବ ଜେନା, ସମ୍ପାଦକ ଯୁଗଳ କିଶୋର ସାହୁ ସହଯୋଗ କରିଥିଲେ।

## କୃଷି ଉତ୍ପାଦନ ଅଭିବୃଦ୍ଧି ପାଇଁ ସରକାର ଚେଷ୍ଟିତ

**ଭୁବନେଶ୍ୱର,୬।୫ (ମହାଭାରତ):** କୃତ୍ରିମ ବୁଦ୍ଧିମତାର ପ୍ରୟୋଗରେ କୃଷିଭିତ୍ତିକ ଭୌଗଳିକ ତଥ୍ୟକୁ ଅନୁଧ୍ୟାନ କରି ଚାଷୀଙ୍କୁ ଆଗୁଆ। ସୂଚନା ପ୍ରଦାନ କରିବା ପାଇଁ ଏଏମଏନଇଏକ୍ସ (ଇଗଘରଢ) ନାମକ ସଂସ୍ଥା ଆଗେଇ ଆସିଛି। ଏହି ସଂସ୍ଥାର ପ୍ରତିନିଧିଙ୍କ ପକ୍ଷରୁ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏକ ଉପସ୍ଥାପନା ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ପ୍ରଦର୍ଶନ କରାଯାଇଥିଲା। କୃଷି କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ପାଇଁ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ନିହାତି ଜରୁରୀ। କୃତ୍ରିମ ବୁଦ୍ଧିମତାର ଉପଯୋଗରେ ସଠିକ୍ ତଥ୍ୟ ହାତପାହାନ୍ତାରେ ପାଇବା ସହଜସାଧ ହୋଇପାରିଛି ଯ ଆମ ଦେଶର ମେରୁଦଣ୍ଡ, କୃଷକଙ୍କୁ ସମୟୋପ ଯୋଗୀ କୃଷି ସମ୍ବନ୍ଧୀୟ ସୂଚନା ପ୍ରଦାନ କରି ଫସଲ ହାନିରେ ହ୍ରାସ ତଥା ଉତ୍ପାଦନରେ ଅଭିବୃଦ୍ଧି ଆଣିବା ପାଇଁ ଆମେ ସର୍ବଦା ଚେଷ୍ଟିତ। ଏଥିପାଇଁ ଉପଯୁକ୍ତ ପଦକ୍ଷେପ ଆମେ ଗ୍ରହଣ କରୁଛୁ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି।



କୃଷି କ୍ଷେତ୍ରର ବିକାଶରେ ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାର କରିବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ। ଏହାର ବ୍ୟବହାର ଫଳରେ ଅଧିକ ସଂଖ୍ୟକ ଚାଷୀଙ୍କୁ ସମୃଦ୍ଧ ଚାଷୀରେ ପରିଣତ କରିବା ଦିଗରେ ଓଡ଼ିଶା ଅଗ୍ରସର ହେଉଛି ବୋଲି ମତପ୍ରକାଶ କରିଛନ୍ତି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ।

ଏଏମଏନଇଏକ୍ସ ସଂସ୍ଥା ପୂର୍ବରୁ କୃଷି ବିଭାଗ ଦ୍ୱାରା କରାଯାଉଥିବା ଏଗ୍ରିଷ୍ଟାକ- ଡିଜିଟାଲ କ୍ରପ ସର୍ଭେ, ଫାର୍ମର୍ସ ରେଜିଷ୍ଟ୍ରୀ ଇତ୍ୟାଦି ପାଇଁ ବୈଷୟିକ ସହାୟତା ଯୋଗାଇ ଆସିଛି ଯ ଏତଦବ୍ୟତୀତ, କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରାଳୟ ସହ ଯୋଡ଼ି ହୋଇ ୩୩ଟି ଫସଲ ନିମନ୍ତେ ବୈଷୟିକ ସହାୟତା ପ୍ରଦାନ କରୁଛି। ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ, ଏଏମଏନଇଏକ୍ସ ପକ୍ଷରୁ ପରିଚୟ କୁମାର ଦାସ, ନୀତିଶ ଠକ୍କର, ଜୟେନ୍ଦ୍ର ପୁଓ୍ୱାର, ଆନନ୍ଦ ପରିଜା ପ୍ରମୁଖ ଉପସ୍ଥିତ ଥିଲେ।

## ଶିରିଡି ସାଇ ଟ୍ରଷ୍ଟ ପକ୍ଷରୁ ଜଳଛତ୍ର



**ଭୁବନେଶ୍ୱର,୬।୫ (ମହାଭାରତ):** ଶ୍ରୀ ଶିରିଡି ସାଇ ଟ୍ରଷ୍ଟ ପକ୍ଷରୁ ଭ୍ରାମ୍ୟମାଣ ଜଳଛତ୍ର ସେବା ପଟିଆ ସ୍ଥିତ ଶିରିଡି ସାଇ ଛକ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ତଥା ୧ ନମ୍ବର ଓ୍ୱାର୍ଡର କର୍ପୋରେଟର ମିହିର କୁମାର ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଓ ୬ ନଂ ଓ୍ୱାର୍ଡର କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ବର୍ତ୍ତମାନ ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ହେଉଥିବାରୁ ଏହି ଜଳସେବା ପଥିକ ମାନଙ୍କୁ ବେଶ ସହାୟକ ହେବ ବୋଲି କହିଥିଲେ। ଏହି ଭ୍ରାମ୍ୟମାଣ ଜଳସେବା ପଟିଆ ଛକଠାରୁ ଜୟଦେବ ବିହାର ଛକ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଯାତ୍ରା କରିବ। ପ୍ରତି ଛକରେ କିଛି ସମୟ ରହି ଦହିପାଣି ଓ ସାଧା ପାଣି ବଣ୍ଟନ କରାଯିବ ବୋଲି ମିହିର ରାଉତ କହିଛନ୍ତି।

## ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀଙ୍କୁ ଭେଟିଲା ଲେୟର୍ସ ଫାର୍ମର୍ସ ଆସୋସିଏସନ

**ଭୁବନେଶ୍ୱର,୬।୫ (ମହାଭାରତ):** ଅଲ୍ ଓଡ଼ିଶା ଲେୟର ଫାର୍ମର୍ସ ଆସୋସିଏସନର ଏକ ପ୍ରତିନିଧି ଦଳ ମତ୍ସ୍ୟ ଓ ପଶୁପାଳନ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ସାକ୍ଷାତ୍ ଆଲୋଚନା ବେଳେ ସଂଘ ନିଜର ଅବଧି ସମସ୍ୟା ନେଇ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ବେଳେ ଏହାର ସମାଧାନ ନେଇ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ନ୍ୟାସନାଲ ଏଗ୍ କୋର୍ଡ଼ିନେସନ କମିଟି (ଏନ୍‌ଇସିସି) ପକ୍ଷରୁ ଅଣ୍ଡା ପିଛା ଯେଉଁ ଦର ଧାର୍ଯ୍ୟ ହୋଇଛି, ସେଥିରେ ଚାଷୀ କ୍ଷତିର ସମ୍ମୁଖୀନ ହେଉଛନ୍ତି। ସାକ୍ଷାତ୍ ସମୟରେ ଏ ନେଇ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ସମସ୍ୟାର ତ୍ୱରିତ ସମାଧାନ ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀ ଏବଂ ଏନ୍‌ଇସିସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ। ଏପରିକି, ଉପରୋକ୍ତ ବିଷୟ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବେ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଖୁବ୍ ଶୀଘ୍ର କେନ୍ଦ୍ର ମତ୍ସ୍ୟ ଏବଂ ପଶୁପାଳନ ମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ସମୟ ଧାର୍ଯ୍ୟ କରାଯିବ। ମନ୍ତ୍ରୀଙ୍କ ସହ ସଂଘର ଏକ ପ୍ରତିନିଧି ମଣ୍ଡଳୀ ମଧ ଦିଲ୍ଲୀ ଗସ୍ତ କରିବେ ବୋଲି ଆଲୋଚନାରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ରାଜ୍ୟ ସରକାର ରାଜ୍ୟରେ ଅଧିକରୁ ଅଧିକ ଅଣ୍ଡା ଉତ୍ପାଦନ ଏବଂ ଏହାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଅଣ୍ଡାଚାଷୀ ଏବଂ ଏହି ଶିଳ୍ପର କଲ୍ୟାଣ ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ। ଏପରିକି ଆଗାମୀ ଦିନରେ ଅଧିକରୁ ଅଧିକ ଅଣ୍ଡାର ବ୍ୟବହାର ଏବଂ ସଠିକ୍ ବଣ୍ଟନ ବ୍ୟବସ୍ଥାର ପରିଚାଳନା ପାଇଁ ଏମ୍‌ଡ଼ିଏମ୍ (ମଧ୍ୟାହ୍ନ ଭୋଜନ) ଏବଂ ଏସ୍‌ଏନ୍‌ପିରେ ଅଣ୍ଡା ଚାଷୀଙ୍କୁ ସିଧାସଳଖ ଅଂଶଗ୍ରହଣ ପାଇଁ ସୁଯୋଗ ଦେବାକୁ ସରକାର ଚିନ୍ତା କରୁଥିବା ନେଇ ମନ୍ତ୍ରୀ କହିଥିବା ଜଣାପଡ଼ିଛି। ଏହି ପ୍ରତିନିଧି ମଣ୍ଡଳୀରେ ସଂଘର ସଭାପତି ଦେବଦତ୍ତ ବିଶ୍ୱାଳ, ଉପସଭାପତି ପ୍ରସନ୍ନ ବସ୍ତିଆ, ଦୀପକ ମିଶ୍ର, ସାଧାରଣ ସମ୍ପାଦକ ସରୋଜ କୁମାର ପାତ୍ର, କୋଷାଧ୍ୟକ୍ଷ ସନ୍ତୋଷ କୁମାର ପାତ୍ର, ଏନ୍‌ଇସିସି ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## 'ଇଣ୍ଟେଲିଜେଣ୍ଟ ଆଣ୍ଡ କ୍ଲାଉଡ କମ୍ପ୍ୟୁଟିଙ୍ଗ' କର୍ମଶାଳା

**ଭୁବନେଶ୍ୱର,୬।୫ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗ ଅନ୍ତର୍ଗତ ସେଂଟର ଫର୍ ସାଇବର ସିକ୍ୟୁରିଟି ଏବଂ ଆଇଇଇଇ, ଭୁବନେଶ୍ୱର ଏବଂ କୋଲକାତାର ମିଳିତ ସହଯୋଗରେ ମେ ୨ ଏବଂ ୩ ଦୁଇ ଦିନ ଧରି ହାଇବ୍ରିଡ ମୋଡରେ 'ଇଂଟେଲିଜେଂଟ ଆଣ୍ଡ କ୍ଲାଉଡ୍ କମ୍ପ୍ୟୁଟିଙ୍ଗ' ଉପରେ ୩ୟ ଆଇଇଇଇ ଆନ୍ତର୍ଜାତିକ କର୍ମଶାଳା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଇସିଓଆଇସିସି - ୨୦୨୫ର




ପ୍ରୋଗ୍ରାମ ଚେୟାର ତଥା ଆଇଟିଇଆର୍ ସିଏସ୍‌ଇ ବିଭାଗର ମୁଖ୍ୟ ପ୍ରଫେସର ଦେବାହୁତି ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନା କରିଥିଲେ। ସମ୍ମିଳନୀରେ ୟୁଏସ୍‌ଏ ସ୍ଥିତ ମିସୋରୀ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଡିଷ୍ଟିଙ୍ଗୁଇସ୍‌ଡ ପ୍ରଫେସର ସଞ୍ଜୟ ମଦ୍ରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡିଜିଟାଲ୍ ଅପରାଧକୁ ରୋକିବା ଦିଗରେ ସାଇବର ସୁରକ୍ଷା ଅଧିକ ଜରୁରୀ ବୋଲି କହିଥିଲେ। ଏଆଇ ଏବଂ କ୍ଲାଉଡ କମ୍ପ୍ୟୁଟିଙ୍ଗ କ୍ଷେତ୍ରରେ ଭାରତର ଛାତ୍ରଛାତ୍ରୀମାନଙ୍କ ପାରଦର୍ଶିତା ବେଶ ଉନ୍ନତ ବୋଲି ଉଲ୍ଲେଖ କରି ସେମାନେ ଅଧିକରୁ ଅଧିକ ଗବେଷଣା କରିବା ଆବଶ୍ୟକ ବୋଲି ପ୍ରଫେସର ମଦ୍ରିଆ କହିଥିଲେ। ଏହି ଅବସରରେ ଇଂଟିଗ୍ରେଟେଡ ଟେଷ୍ଟ ରେଞ୍ଜ (ଡିଆରଡିଓ)ର ପୂର୍ବତନ ନିର୍ଦ୍ଦେଶକ ହରେକୃଷ୍ଣ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାରେ କମ୍ପ୍ୟୁଟର ସାଇନ୍ସ ପ୍ରଫେସ୍‌ନାଲଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଏକ ଭଲ ସୁଯୋଗ ବୋଲି କହିଥିଲେ। ଭୁବନେଶ୍ୱରରେ ପ୍ରାୟ ୨୦ ହଜାର କମ୍ପ୍ୟୁଟର ସାଇନ୍ସ ଛାତ୍ରଛାତ୍ରୀ ରହିଥିବା ବେଳେ ୫୦୦ରୁ ଅଧିକ ଫ୍ୟାକଲ୍ଟି ଅଛନ୍ତି। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରି ସାଇବର ସୁରକ୍ଷା କ୍ଷେତ୍ରରେ ଆଇଟିଇଆରର ସେଂଟର ଫର ସାଇବର ସିକ୍ୟୁରିଟି ଉତମ ଭାବେ କାର୍ଯ୍ୟ କରୁଛି ବୋଲି କହିଥିଲେ। ସୋଆରେ ୨୦ଟି ଗବେଷଣା କେନ୍ଦ୍ର ରହିଥିବା ବେଳେ ସାଇବର ସୁରକ୍ଷା ଏବଂ କମ୍ପ୍ୟୁଟର ସାଇନ୍ସ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ଅନେକ କାର୍ଯ୍ୟ ହାତକୁ ନେଇଛି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଆଇଟିଇଆରର ଡିନ୍ ପ୍ରଫେସର ପି.କେ. ସାହୁ ଏବଂ ପ୍ରୋଗ୍ରାମ ଚେୟାର ଡକ୍ଟର ଭାରତ ଜ୍ୟୋତି ଆର୍. ସାହୁ ବକ୍ତବ୍ୟ ରଖିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରୋଗ୍ରାମ କୋ-ଚେୟାର ଡକ୍ଟର ଦିବ୍ୟସୁନ୍ଦର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୁଶୁଡୁଛି ମାଓଗଡ଼

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଗାମୀ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ମାଓବାଦ ନିର୍ମୂଳ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ପୂର୍ବରୁ କୌଣସି ସରକାର ଏଭଳି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିନଥିଲେ। କିନ୍ତୁ ଯେବେଠାରୁ ଅମିତ ଶାହା ଦେଶର ଗୃହ ମନ୍ତ୍ରଣାଳୟ ଦାୟିତ୍ୱ ସମ୍ଭାଳିଛନ୍ତି, ସେବେଠାରୁ ମାଓବାଦୀଙ୍କୁ ନିର୍ମୂଳ କରିବା ପାଇଁ କେବଳ ଲକ୍ଷ୍ୟ ଧାର୍ଯ୍ୟ ହୋଇନି, ଏ ଦିଗରେ କଡ଼ା ପଦକ୍ଷେପ ମଧ୍ୟ ନିଆଯାଉଛି। ଧିରେ ମାଓବାଦୀଙ୍କ ପ୍ରଭାବ ହ୍ରାସ ପାଉଛି, ସେମାନଙ୍କ ସଙ୍ଗଠନ ମଧ୍ୟ ଦୁର୍ବଳ ହେଉଛି। ବିଶେଷ କରି ଭାରତରେ ମାଓବାଦୀଙ୍କ ମୁଖ୍ୟ କେନ୍ଦ୍ର ଭାବେ ପରିଚିତ ଛତିଶଗଡ଼ରେ ମାଓବାଦୀଙ୍କ ବିରୋଧରେ ଲଗାତର ଲଢ଼େଇ ଜାରି ରହିଛି। ବସ୍ତର ଉପତ୍ୟକା ହେଉଛି ମାଓବାଦୀଙ୍କ ଗଡ଼। ଏହି ଗଡ଼ରେ ଏବେ ସୁରକ୍ଷାବାହିନୀ ପ୍ରବେଶ କରି ମାଓବାଦୀଙ୍କୁ ନିପାତ କରୁଛନ୍ତି। ଅନେକ ମାଓବାଦୀ ଆତ୍ମସର୍ପଣ ଭମଧ୍ୟ କରୁଛନ୍ତି। ଏବେ ବିଜାପୁର ଜିଲ୍ଲା ଇନ୍ଦ୍ରାବତୀ ଅଭୟାରଣ୍ୟରେ ସୁରକ୍ଷା ବାହିନୀ ସହ ଏନକାଉଣ୍ଟରେ ୩୧ ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି। ଏହାର ୧୫ ଦିନ ପୂର୍ବରୁ ଅନ୍ୟ ଏକ ଏନକାଉଣ୍ଟରେ ୧୬ଜଣ ମାଓବାଦୀ ପ୍ରାଣ ହରାଇଥିଲେ। ଗତ ବର୍ଷ ଛତିଶଗଡ଼ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୨୧୯ଜଣ ମାଧବାଦୀ ପ୍ରାଣ ହରାଇଥିବା ବେଳେ ଚଳିତ ବର୍ଷ ମାସକ ଭିତରେ ୬୨ଜଣ ମାଓବାଦୀ ପ୍ରାଣ ହରାଇଲେଣି। ଏହା ଦ୍ୱାରା ମାଓବାଦୀମାନେ ନିଶ୍ଚିତ ଭାବେ ଚାପଗ୍ରସ୍ତ ହୋଇଛନ୍ତି, କିନ୍ତୁ ସେମାନେ ଏତେ ଶୀଘ୍ର ନିର୍ମୂଳ ହେବା ସମ୍ଭବ ନୁହେଁ। ସେମାନଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ସେଥିରୁ ବର୍ଷକୁ ଦୁଇଶ୍ହ୍ବତିନ ଶହ ମରିଗଲେ ସେମାନଙ୍କ ସଙ୍ଗଠନ ଯେ ଭୁଶୁଡ଼ି ପଡ଼ିବ ସେ କଥା ନୁହେଁ। କିନ୍ତୁ ସୁରକ୍ଷା ବାହିନୀର କ୍ରମାଗତ ଅଭିଯାନ ଫଳରେ ମାଓବାଦୀମାନେ ଏବେ ପଳାୟନପନ୍ଥୀ ଏକଥା ସ୍ୱୀକାର କରିବାକୁ ପଡ଼ିବ। କଥରେ ଅଛି, ନଇଁ ପଡ଼ିଥିବ ଯେବେ ବିଧାଏ ମାରିବ ସେବେ। ତେଣୁ ଏବେ ମାଓବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଦମନମୂଳକ ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରିବାର ପ୍ରକୃଷ୍ଟ ସମୟ। ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ କହିବାନୁଯାୟୀ ଏବେ ମାଓ ସଙ୍ଗଠନ ଉପରେ ଶେଷ ପ୍ରହାରର ଆବଶ୍ୟକତା ରହିଛି। ଏଥିରେ ସତର୍କତାର ଆବଶ୍ୟକତା ମଧ୍ୟ ରହିଛି। ମାଓବାଦୀମାନେ ଏବେ ପ୍ରତିଶୋଧପରାୟଣ ହୋଇ ଆହୁରି ନିର୍ମମ ହୋଇପାରନ୍ତି। ମାଓବାଦୀଙ୍କ ଗୁଳିରେ ବା ବିସ୍ଫୋରଣରେ ଆମର କିଛି ଯାବ ଶହୀଦ ହେଉଛନ୍ତି। ଏହାକୁ ଶୂନ କରିବାକୁ ପଡ଼ିବ। ମାଓବାଦୀମାନେ ଅନେକ ସମୟରେ ପୋଲିସ ଇନଫର୍ମର ସନ୍ଦେହରେ ନିରୀହ ବ୍ୟକ୍ତିଙ୍କୁ ଗଳାକାଟି ବା ଗୁଳି କରି ହତ୍ୟା କରୁଛନ୍ତି। ଏହାକୁ ବନ୍ଦ କରାଯିବା ନିହାତି ଜରୁରୀ। ଛତିଶଗଡ଼ରେ ମାଓଦମନ ଅଭିଯାନ ତ୍ୱରାନ୍ୱିତ ହେବା ଫଳରେ ସେମାନେ ଆତ୍ମରକ୍ଷା ନିମନ୍ତେ ପଡ଼ୋଶୀ ରାଜ୍ୟ ଅର୍ଥାତ ଓଡ଼ିଶା, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରକୁ ଚାଲିଯିବାକୁ ଉଦ୍ୟମ କରୁଛନ୍ତି। ଏଥିପ୍ରତି ସତର୍କ ରହିବା ଉଚିତ। ଅତୀତରେ ଆନ୍ଧ୍ରପ୍ରଦେଶରୁ ମାଓବାଦୀମାନେ ସୁରକ୍ଷିତ ଆଶ୍ରୟ ନିମନ୍ତେ ଓଡ଼ିଶାକୁ ଚାଲି ଆସୁଥିଲେ। ଓଡ଼ିଶାରେ ଏହିଠାରୁ ମାଓ ସଙ୍ଗଠନର ଭିତ୍ତିଭୂମି ପଡ଼ିଥିଲା। ଏବେ ଛତିଶଗଡ଼ରୁ ମାଓବାଦୀମାନେ ଓଡ଼ିଶାରେ ବହୁ ସଂଖ୍ୟାରେ ଅନୁପ୍ରବେଶ କରିବା ଆଶଙ୍କା ରହିଛି। କିଛି ଦିନ ତଳେ ଓଡ଼ିଶାର ଗନ୍ଧମାର୍ଦ୍ଦନରେ ସୁରକ୍ଷା ବାହିନୀ ସହ ମାଓବାଦୀଙ୍କ ଗୁଳି ବିନିମୟ ହୋଇଥିଲା। ଏଥିରୁ ପ୍ରମାଣିତ ଯେ, ଓଡ଼ିଶାରେ ମାଓବାଦୀଙ୍କ ଉପସ୍ଥିତି ରହିଛି। ଅବିଭକ୍ତ ଗଞ୍ଜାମ, କୋରାପୁଟ, ମାଲକାନଗିରି, ରାୟଗଡ଼ା ନବରଙ୍ଗପୁର, ବୌଦ୍ଧ ଏବଂ କନ୍ଧମାଳ ଜିଲ୍ଲା ଏବେ ମାଓବାଦୀଙ୍କ ଏରିଆ ଅଫ ଅପରେସନ। ଏହାକୁ ଭେଦ କରି ସେମାନଙ୍କୁ ନିପାତ କରିବାକୁ ପଡ଼ିବ।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍ସ ଅର୍ଥାତ ଡାଇରେକ୍ଟଲି ଆବ୍‌ଜର୍ଭଡ଼୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।

॥ ଡାକ୍ତର କାନ୍ତୀ ନାୟକ ॥

ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଅଣ୍ଟାରେ ମଧ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିଙ୍କୁ ମଧ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ୍ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସିଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସିଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ ସେ ସମୟ ମଧରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାକ୍ସ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍ସ ଅର୍ଥାତ ଡାଇରେକ୍ଟଲି ଆବ୍‌ଜର୍ଭଡ଼୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗକୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସିଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିଙ୍କୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,

# ବର ଓ କନ୍ୟାଙ୍କର ଘର ଏକ ସରଳ ରେଖାର ଦୁଇ ମୁଣ୍ଡ

॥ ଅଜୟ କୁମାର ବେହେରା ॥

ସରଳ ରେଖା ଓ ବକ୍ରରେଖା ଅତିକମରେ ରେଖାର ଦୁଇଧାରା, ଦିଗଦୃଷ୍ଟେ ଚାରି ଦିଗ ପାଇଁ ଚାରି ରେଖା। କୋଣ ଦୃଷ୍ଟେ ଚାରି ରେଖା ଏମିତି ଆଠ ରେଖା। ପ୍ରତ୍ୟେକଙ୍କ ଜନ୍ମ ସ୍ଥାନର ଅକ୍ଷାଂଶ ଓ ଦ୍ରାଘିମା ସମ୍ବନ୍ଧ ରହିଛି। ରେଖା ସରଳ ହେଲେ ବି ରାସ୍ତା ଉଭୟଙ୍କୁ ଉଭୟ ସ୍ଥାନରେ ପହଞ୍ଚିବାକୁ ବକ୍ର ପଥ ନିଶ୍ଚୟ ଥିବ। ଯେଉଁମାନେ ବରକନ୍ୟାଙ୍କର ବାସସ୍ଥାନର ଅକ୍ଷାଂଶ ଦ୍ରାଘିମା ଓ ତତବିଧି ଷ୍ଟାଣ୍ଡର୍ଡ଼ ସମୟ ବା ସ୍ଥାନୀୟ ନେଇ କିଛି ସମୟ ଧାର୍ଯ୍ୟ ରଖି କୁଣ୍ଡଳୀ କରି କେବଳ ଚନ୍ଦ୍ର ଓ ନକ୍ଷତ୍ରରୁ ମେଳକ ଧାର୍ଯ୍ୟ କରି ଅଧିକ ଅଙ୍କର ମେଳକ ନେଉଛନ୍ତି ତାଙ୍କୁ ଅନେକ ବାକି କଥା ଛାଡ଼ି ଦେଉଛନ୍ତି।

କନ୍ୟାର ଜନ୍ମଦିନରେ ଚନ୍ଦ୍ରସ୍ଥିତ ରାଶି ଓ ୧ମ ରଜୋଦର୍ଶନ ଦିନର ତିଥି ବାର ନକ୍ଷତ୍ର ଯୋଗକରଣ ଲଗ୍ନଦି ବିବାହ ସୁଖ ପାଇଁ ବିଚାରକୁ ନେବା ଦରକାର ତାହା କରାଯାଉନାହିଁ। ବିଷ ପୁରୁଷ ଓ ବିଷ କନ୍ୟା ଦୁଇଟି ଗ୍ରହ ନକ୍ଷତ୍ର ସମ୍ବନ୍ଧରୁ ଧରାଯାଏ। ବିଷ ହିଁ ସାଂସାରିକ ଜୀବନରେ ଜ୍ୱଳା ଦିଏ। ଜ୍ୟୋତିଷମାନେ କେବଳ ଜାତକ ଜନ୍ମଦିନର ବିବରଣୀରୁ କରି ଦେଇ ପାଉଣା ନେଇଯାଆନ୍ତି ସିନା ଜଟିଳ ଜନ୍ମ ସମୟର କୌଣସି ବ୍ୟବସ୍ଥା କରନ୍ତି ନାହିଁ। ଯାହା ବିଷ ଦ୍ରୁମ ରୂପନେଇ ସାଂସାରିକ ଜୀବନ ଉଚ୍ଛନ୍ନ ପରେ କରାଏ। ବିବାହ ଦିନର ମାସ ସମ୍ବନ୍ଧ ନକ୍ଷତ୍ର ସମ୍ବନ୍ଧ ଯୋଗ ସମ୍ବନ୍ଧ କରଣ ସମ୍ବନ୍ଧ ପଞ୍ଚଶାଳକ ବିଦ୍ଧି ବି ଦେଖାଯାଇ ପାଞ୍ଜିରେ ବିବାହ ତିଥି କେବଳ ଲେଖାଯାଇଛି ଏଥର ଲଗ୍ନାଦି ୧୨ଶ ଭାବର ତତକାଳ ଜଟିଳତାକୁ କୌଣସି ଜ୍ୟୋତିଷୀ ତର୍ଜନା କରନ୍ତି ନାହିଁ ପୁରୋହିତମାନେ ଜ୍ୟୋତିଷ ଶାସ୍ତ୍ରରେ ଅଭିଜ୍ଞ ଏତେ ନୁହଁନ୍ତି ସେମାନେ ଅମୃତ, ମାହେନ୍ଦ୍ର ସମୟରେ ହିଁ ବିବାହ ଶେଷ ହାତଗଣ୍ଠି କରି ଦେଇ କାମ ଫତେ କରିଥାନ୍ତି। ପ୍ରକୃତରେ କେଉଁ ଲଗ୍ନରେ ବିବାହ କରାଯିବ ସେ ଦିନ ବିଚାରକୁ ନେବାକୁ ପଡ଼େ। ଯେଉଁ ସରଳ ରେଖାରେ ଦୁଇ ଜଣଙ୍କର ବାସ ସ୍ଥାନ ରହିଛି ବରାନୁଗମନରେ ମଙ୍ଗଳ କର୍ମ ପାଇଁ ବର ବାହାରେ ତାର ଯାତ୍ରା କଲ୍ୟାଣ ମଣ୍ଡପ ନୁହଁ କନ୍ୟା ଘର ଦିଗରେ ତିଥି ଯୋଗ୍ନୀ ବାଧା ଦେବ କି ? ଏହା ବିଚାର କରାଯାଉନାହିଁ ସେହିପରି କନ୍ୟା ବରଘରେ ପ୍ରବେଶ ବେଳକୁ ଯୋଗିନୀ ସ୍ଥିତି ସପକ୍ଷ କି ବିପକ୍ଷ ଦେଖାଯାଉନାହିଁ। ସ୍ୱାମୀ ସ୍ତ୍ରୀଙ୍କର ପ୍ରଥମ ମିଳନ ସମୟ ଉଭୟଙ୍କର ଘାତଲଗ୍ନ ୮ମ ଲଗ୍ନ ମାସଶୂନ୍ୟ ଲଗ୍ନ ତିଥି ଶୂନ୍ୟ ଲଗ୍ନ ଆଦି ବିଚାର କରାଯାଉନାହିଁ। ଏସବୁ ପ୍ରଚ୍ଛନ୍ନ ମଧରେ ବିଚାରକୁ ଅଣାଯିବା ସହିତ ପ୍ରତି ବିବାହ ଏବେ ପୋଲିଶ ଥାନାର ଅନୁମତି ଦରକାର ଯାହା ଜାତକ ଜାତିକାଙ୍କର ଜାତକର ମଙ୍ଗଳ ସ୍ଥିତି ଓ ତତକାଳ ଗୋଚର ମଙ୍ଗଳର ସ୍ଥିତିର ଶୁଭ ଅଛି କି ଅଶୁଭ ଅଛି ବୁଝାଯାଏନାହିଁ।

ଉଗ୍ର ଗ୍ରହମାନେ ୭ମରେ ରହିଲେ କ୍ଷତିକରେ ହେଲେ ଦିବା ବିବାହରେ ଅଭିଜିତ ମୁହୂର୍ତ୍ତ (ବୁଧବାର ବାଦ) ବ୍ରହ୍ମ ମୁହୂର୍ତ୍ତ, ଗୋଧୂଳୀ ସମୟ ପରି ମୁହୂର୍ତ୍ତରେ ଲଗ୍ନ ନମିଳିଲେ ବିବାହ ପ୍ରତିକାର ସହ କରାଯାଏ। କାମାତୁର ଯୋଡ଼ି ୧ମ ମିଳନରେ କାଳବେଶ କାଳରାତ୍ରୀ ବୋଧ କରିନଥାନ୍ତି। ପରେ କଳାମୟ ଯୌବନ ଭୋଗ ହୋଇପାରେ। ପ୍ରତି ଯୁବକ ବା ଯୁବତୀ ବିବାହ ପୂର୍ବରୁ ଗୁରୁଦୀକ୍ଷା ବା ଉପନୟନ ସଂସ୍କାର ହୋଇ ବିବାହ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ଜୀବନ ରକ୍ଷା କରିବା ବିଧି ମାତ୍ର ବର୍ତ୍ତମାନ ବେପରୁଆ ଜୀବନ ଦାମ୍ପତ୍ୟ ଜୀବନ ଦୁର୍ବିସହ କରାଉଛି। ଅଗ୍ନୀ ସାକ୍ଷୀ ବିପ୍ରବାକ୍ୟ ପ୍ରିୟଜନ ମେଳରେ ବିବାହ ମୁହୂର୍ତ୍ତ ଥାଏ। ଏହାର ଶପଥ ବରକନ୍ୟା ଭୁଲିଯାଇ ପରସ୍ପର ଆରୋପରେ ଆସୁଛନ୍ତି। ଏହା ଧର୍ମଜ୍ଞାନ ହରାସ୍ଥିତି। ପୂର୍ବେ ଡାକଘରେ ଡାକ ପିଅନ ବେରିଂ ଚିଠି ନେଇ ଆସୁଥିଲେ। ପୋଷ୍ଟକାର୍ଡ଼ ଅର୍ନ୍ତଦେଶୀୟ ଚିଠି, ବରାମ ଚିଠି ନେଇ ଆସୁଥିଲେ। କୌଣସି ଅଘଟଣ ଝିଅଟିକୁ ଶାଶୁଘରେ ହେଲେ ଚିଠି ଟିଏ ପକାଇଲେ କିଛି ଦିନ ପରେ ମାଆ ବାପାଙ୍କୁ ମିଳୁଥିଲା। ବର୍ତ୍ତମାନ ଯୋଗାଯୋଗ ବିଦ୍ୟା ଏତେ ସମୃଦ୍ଧ ଯହିଁରେ କୌଣସି ଶାଶୁଘରରେ ବୋହୂ ଉପରେ କିଛି ଚାପ କଳିତର୍କ ହେଲେ ସାଥି ସାଥି ଟେଲିକାଷ୍ଟ ହୋଇ ଦୁଇ ପରିବାର ମଧରେ ଆଇନ ଆଶ୍ରା ହେଉଛି। ଯହିଁରେ ଉଭୟ ମିଥ୍ୟାରୋପ ଲଗାଉଛନ୍ତି। ଦମ୍ପତ୍ତି କଳହ କିଛି ସମୟ ବ୍ୟବଧାନରେ ମିଟେ ହେଲେ ସମୟ କେହି କାହାକୁ ଦେଉନାହାଁନ୍ତି। ପୁରୁଷଙ୍କ ଧନ ଅର୍ଜନ ଓ ନାରୀର ବୟସ ଲୁଚାଯାଏ। ଏବେ ଅନେକ କ୍ୱାକ ଜ୍ୟୋତିଷ କମ୍ପ୍ୟୁଟରରେ କନ୍ୟାର ବୟସ ରାଶି ଆଦି ବଦଳାଯାଇ ମେଳକ ଯୋଗ୍ୟ କରୁଛନ୍ତି ଏହା ବି ଏକ ସମସ୍ୟା। ପୂର୍ବେ ବନ୍ଧୁବାନ୍ଧବ ପରିଜନ ସ୍ଥାନରେ କନ୍ୟାର ବିବାହ ଦିଆଯାଉଥିଲା ଏବେ ପରିଚିତରେ କଲେ ବରପକ୍ଷଙ୍କୁ କାଳେ ଯୌତୁକ ଧନ ନମିଳିବ ଏ ପାଇଁ ଅପରିଚିତ ସ୍ଥାନରେ ବିବାହ ସମ୍ବନ୍ଧ କରାଯାଉଛି ଏହାପରେ ମନ ମାଳିନ୍ୟର କାରଣ ହେଉଛି। ପାଠପଢ଼ିଲେ ବୁଦ୍ଧିଜ୍ଞାନ ବଢ଼େ ମାତ୍ର ପର ହେଉ ବା କନ୍ୟା ପାଠପଢ଼ି ଭୁଲ ପଥରେ ଯାଇ ସ୍ୱ ଜୀବନ ଯୌବନ ଉପଭୋଗ ସମୟ ନଷ୍ଟ କରୁଛନ୍ତି। ସବୁ ପ୍ରକାର ଜ୍ଞାନରେ ବିବାହ ସମ୍ବନ୍ଧ ଭଲ କରି ବିଚାର କରି ବରପକ୍ଷ କନ୍ୟାପକ୍ଷ ଆଗେଇଲେ ସର୍ବମଙ୍ଗଳ ହୋଇପାରେ। କର୍ମକାଣ୍ଡରେ ସବୁ ପ୍ରକାର ପ୍ରତିକାର ପ୍ରାୟଶ୍ଚିତ ଅଛି ଭଲ କର୍ମକାଣ୍ଡ ବ୍ରାହ୍ମଣର ପରାମର୍ଶ ନିର୍ଦ୍ଦିଷ୍ଟ ସମୟ ପାଇଁ ନେଇ ଶାନ୍ତ କରିପାରିବେ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# କାଗଜ କଲମରେ ନାଟକର ବିକାଶ

॥ ଅଭୟ କୁମାର ଦାସ ॥

ଆନ୍ତର୍ଜାତୀୟ ରଙ୍ଗମଞ୍ଚ ସଂସ୍ଥା ଆନୁକୂଲ୍ୟରେ ୧୯୬୧ରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ପାଳନ କରାଯାଉଛି ବିଶ୍ୱ ନାଟ୍ୟ ଦିବସ। ପ୍ରଥମ ନାଟ୍ୟ ଦିବସ ହେଲ୍‌ସିଙ୍କିରେ ଏବଂ ପରବର୍ତ୍ତୀ ଦିବସ ଭିଏନାରେ ଅନୁଷ୍ଠିତ ହେବା ପରେ ଏହି ଦିବସ ପାଳନର ଲୋକପ୍ରିୟତା ବଢ଼ିଥିଲା। ସଂପ୍ରତି ବିଶ୍ୱର ବିଭିନ୍ନ ଅଞ୍ଚଳରେ ଥିବା ଅନ୍ତର୍ଜାତୀୟ ରଙ୍ଗମଙ୍ଗ ସଂସ୍ଥାର ଶାଖା କେନ୍ଦ୍ରଗୁଡ଼ିକରେ ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ସ୍ୱାଭାବିକ ଭାବେ ଅନ୍ତର୍ଜାତୀୟ ସାଂସ୍କୃତିକ ଶାନ୍ତି ସଂହତି ପାଇଁ ମଞ୍ଚ ନାଟକ ପରିବେଷିତ ହେଉଛି। ରଙ୍ଗମଞ୍ଚ ବା ମଞ୍ଚନାଟକର ଇତିହାସ ୨୫୦୦ ବର୍ଷ ପ୍ରାଚୀନ। ପାଶ୍ଚାତ୍ୟ ମଞ୍ଚନାଟକର ସୃଷ୍ଟି ଗ୍ରୀସରେ ହୋଇଥିଲା। ରୋମାନ୍‌ମାନେ ପ୍ରାଚୀନ ମଞ୍ଚନାଟକକୁ ନବ ରୂପ ଦେଇଥିଲେ।

କଥାରେ ଅଛି, ଜୀବନ ଏକ ରଙ୍ଗମଞ୍ଚ। ଏହି ରଙ୍ଗମଞ୍ଚରେ ଆମେ ସମସ୍ତେ ଜଣେ ଜଣେ କଳାକାର। ଥିଏଟର (ରଙ୍ଗମଞ୍ଚ) ଏଭଳି ଏକ ସ୍ଥାନ, ଯେଉଁଠାରୁ ବ୍ୟକ୍ତି ଅନେକ ଘଟଣାକୁ ନିଜ କଳା ମାଧ୍ୟମରେ ଦୁନିଆ ସାମ୍ନାକୁ ଆଣିବାରେ ସକ୍ଷମ ହୋଇଥାଏ। ରଙ୍ଗମଞ୍ଚ ଏଭଳି ଏକ ଶକ୍ତି, ଯେଉଁଠାରୁ କଳାର ଗାରିମା ପ୍ରସ୍ଫୁଟିତ ହୋଇଥାଏ। ଯେଉଁଠାରେ କଳାକାର ନିଜ ଅଭିନୟ ମାଧ୍ୟମରେ ଏକ ଅଭୁଲା ଛାପ ଛାଡ଼ିଥାଏ। ୧୯୧୩ରେ ଦାଦା ସାହେବ ଫାଲ୍‌କେଙ୍କ ଦ୍ୱାରା ନିର୍ମିତ ଫିଲ୍ମ ରାଜା ହରିଶ୍ଚନ୍ଦ୍ରରେ ମଣିଷ ଭିତରେ ଲୁଚିଥିବା ପ୍ରକୃତ କଳାର ଚିହ୍ନଟ କରାଯାଇଥିଲା। ଏହା ଏକ ସାଇଲେଣ୍ଟ ଫିଲ୍ମ ଥିଲା। କିନ୍ତୁ ଆଜି ବି ତାହା ପ୍ରତ୍ୟେକ ମଣିଷ ମନରେ ଏକ ସ୍ୱତନ୍ତ୍ର ଛବି ପାଲଟି ରହିଛି। ଏଭଳି କଳା ଓ କଳାକାରଙ୍କୁ ବାଛିବାରେ ସକ୍ଷମ କରିଥାଏ ରଙ୍ଗମଙ୍ଗ। ଏଣୁ ଏହି ରଙ୍ଗମଞ୍ଚ ପ୍ରତି ଏବେ ଦୂରେଇ ଯାଉଥିବା ମଣିଷକୁ ନିକଟତର କରିବାକୁ ପାଳନ ହୁଏ ବିଶ୍ୱ ରଙ୍ଗମଞ୍ଚ ଦିବସ। ୧୯୬୧ରେ ନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ଅନ୍ତରାଷ୍ଟ୍ରୀୟ ରଙ୍ଗମଞ୍ଚ ଦିବସର ସ୍ଥାପନା କରାଯାଇଥିଲା। ସେବେ ଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଏହି ଦିବସକୁ। ଏହି ଦିବସର ଏକ ମହତ୍ତ୍ୱପୂର୍ଣ୍ଣ ଆୟୋଜନ ସମୟରେ ପ୍ରତିବର୍ଷ ବିଶ୍ୱର ଯେକୌଣସି ଜଣାଶୁଣା ରଙ୍ଗମଞ୍ଚ କର୍ମୀ ଶାନ୍ତି ଓ ସଂସ୍କୃତି ବିଷୟ ଉପରେ ନିଜର ବିଚାର ବ୍ୟକ୍ତ କରିଥାନ୍ତି। ୧୯୬୨ରେ ପ୍ରଥମ ଅନ୍ତରାଷ୍ଟ୍ରୀୟ ରଙ୍ଗମଞ୍ଚ ସନ୍ଦେଶ ଫ୍ରାନ୍ସର ଜିନ୍ କାକ୍‌ଟେ ଦେଇଥିଲେ। ଏହାପରେ ୨୦୦୨ରେ ଭାରତର ପ୍ରସିଦ୍ଧ ରଙ୍ଗମଞ୍ଚ କର୍ମୀ ଗିରିଶ କର୍ଣ୍ଣାଡ୍ ଏକ ସନ୍ଦେଶ ପ୍ରଦାନ କରିଥିଲେ।

କଳା, ସଂସ୍କୃତି, ବିକାଶ ତଥା ପ୍ରଚାର ପ୍ରସାର କ୍ଷେତ୍ରରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନାଟକକୁ ଏକ ବିକାଶର ପଥରେ ଆଗେଇ ନେବା ସହ ନାଟକର ଉନ୍ନତି ଲାଗି ପ୍ରତିବର୍ଷ ମାର୍ଚ୍ଚ ୨୭ ତାରିଖରେ ପାଳନ ହୋଇଥାଏ ବିଶ୍ୱ ଥିଏଟର୍ ଦିବସ ବା ବିଶ୍ୱ ନାଟକ ଦିବସ । ୧୯୬୧ ମସିହାରେ ଇଣ୍ଟରନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା । ସାରା ବିଶ୍ୱରେ ଏହି ଦିନ ବିଭିନ୍ନ ପ୍ରକାରର ନାଟ୍ୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ । ଏ ଅବସରରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ରଙ୍ଗମଞ୍ଚ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନ୍ତର୍ଜାତୀୟ ରଙ୍ଗମଞ୍ଚ ଅନୁଷ୍ଠାନର ନିମନ୍ତ୍ରଣରେ, ଅର୍ଥାତ୍ ଯାହା ମାଧ୍ୟମରେ ବିଶ୍ୱ ରଙ୍ଗମଞ୍ଚ ଦିବସ ସନ୍ଦେଶ ପ୍ରେରଣ କରାଯାଏ, ବିଶ୍ୱର ମହାନତାର ଛବି ରଙ୍ଗମଞ୍ଚର ବିଷୟ ଓ ଶାନ୍ତିର ସଂସ୍କୃତି ଉପରେ ପ୍ରତିଫଳିତ ହୋଇଥାଏ। ପ୍ରଥମ ବିଶ୍ୱ ରଙ୍ଗମଞ୍ଚ ଦିବସର ସନ୍ଦେଶ ଜିନ୍ କକ୍‌ଟିଉ ୧୯୬୨ରେ ଲେଖିଥିଲେ। ମଞ୍ଚ ନାଟକ ଏକ ପ୍ରଭାବଶାଳୀ ମାଧ୍ୟମ ହୋଇଥିବା ବେଳେ ଏହା ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇବା ସହ ସମାଜ ସୁଧାର ଦିଗରେ ଉଚିତ ବାର୍ତ୍ତା ଦେଇଥାଏ । କିନ୍ତୁ ପ୍ରକୃତ ପକ୍ଷେ ଦେଖାଗଲେ ଆଜିକା ସମୟରେ ଏହି ଦିବସଟି କେବଳ ବାହ୍ୟ ଦୃଷ୍ଟିରୁ ଲୋକଦେଖାଣିଆ ଭାବରେ ପାଳିତ ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ । ଦିନ ଥିଲା ଓଡ଼ିଶାରେ ମଞ୍ଚ ନାଟକର ଚାହିଦା, ଲୋକାଦୃତି ଥିଲା ସର୍ବାଧିକ । ପ୍ରଥମେ ପୌରାଣିକ ନାଟକ ଓ ପରେ ପରେ ସାମାଜିକ ଚେତନାଧର୍ମୀ ନାଟକ ଗାଁ ଗାଁରେ ପରିବେଷଣ କରାଯାଇ ଏହା ବେଶ୍ ଦର୍ଶକୀୟ ଆଦୃତି ପାଇପାରୁଥିଲା । ବର୍ତ୍ତମାନ ଯୁଗ ପରିବର୍ତ୍ତନ ହୋଇଛି ସତ ହେଲେ ସର୍ବାଧିକ ମଞ୍ଚରେ କେତେକ କେତେକ ସ୍ଥାନରେ ଯାହା ସାମାଜିକ ନାଟକ ପରିବେଷଣ ହେଉଛି । ସବୁଠାରୁ ଦୁଃଖଦ ପ୍ରସଙ୍ଗ ହେଉଛି ନାଟକର ପ୍ରଚାର ପ୍ରସାର ପାଇଁ ଯେଉଁ କିଛି ନାଟ୍ୟ ଅନୁଷ୍ଠାନ ଗୁଡ଼ିକ ଉଦ୍ୟମ କରୁଛନ୍ତି ସେମାନଙ୍କୁ ସେପରି ପ୍ରୋତ୍ସାହନ, ସହଯୋଗ ଏପରିକି ସମର୍ଥନ ମିଳୁନାହିଁ । ଯାହାଦ୍ୱାରା ବିଗତ ପାଞ୍ଚ ବର୍ଷ ଭିତରେ ଦେଖାଯାଉଛି ଅନେକ ନାଟ୍ୟ ଅନୁଷ୍ଠାନ ନିଜ ସଂସ୍ଥା ବନ୍ଦ କରିବାକୁ ବାଧ ହୋଇଛନ୍ତି । ସିନେମା ହଲ୍‌ରେ ପଚାଶ ଟଙ୍କାରୁ ଶହେ ଟଙ୍କା ପର୍ଯ୍ୟନ୍ତ ଟିକେଟ୍ ଦେଇ ବା ଘରେ ଘରେ ଡିଭିଡ଼ି କିଣି ସିଡି ମାଧ୍ୟମରେ ଚଳଚ୍ଚିତ୍ର ଦେଖୁଥିବା ଲୋକମାନେ ନିଜ ଜାତି ଓ ଉତ୍କୃଷ୍ଟ କଳାର ରାଜ୍ୟ ଉତ୍କଳର ଗରିମାମୟ ଜନଜୀବନର ଘଟଣା କାହାଣୀ ମଞ୍ଚ ନାଟକକୁ ଦେଖିବା ପାଇଁ ଯଦି ଶ୍ରଦ୍ଧା ନରଖିବେ ତାହେଲେ ନାଟ୍ୟକାରଟି ହୁଅନ୍ତୁ ନାଟକ ଆୟୋଜନ କରୁଥିବା ନାଟ୍ୟ ସଂସ୍ଥା ସେମାନେ କରିବେ ବା କ'ଣ ? ତେଣୁ ମଞ୍ଚ ନାଟକକୁ ଭଲ ପାଇବା ଏବଂ ଏହାପ୍ରତି ସହଯୋଗ ପୃଷ୍ଠପୋଷକତାର ହାତ ବଢ଼ାଇବା ଦାୟିତ୍ୱ ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କର ।

ଦୂରଭାଷ : ୯୪୩୭୧୪୨୭୧୭


# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଅଶାନ୍ତ ହେବାକୁ ଲାଗିଛି ଗଞ୍ଜାମ କାର୍ଯ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ

ଆସିକା /ଧରାକୋଟ, (ମହାଭାରତ) : ବେଆଇନ୍ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣର ଖବର ସଂଗ୍ରହ କରିବାକୁ ଯାଇ ମାଫିଆଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ଗଣମାଧ୍ୟମ ପ୍ରତିନିଧି । ଅଭିଯୁକ୍ତ ଙ୍କ ବିରୋଧ ରେ ଦୃଢ କାର୍ଯ୍ୟାନୁଷ୍ଠାନ ଲାଗି ଥାନା ରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି ।ପ୍ରକାଶ ଥାଉକି ଧରାକୋଟ ଥାନା ଅଂଚଳ ରେ ବେଆଇନ ଓ ବେଧଡ଼କ ଭାବେ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ କୁ ନେଇ ଗତ କିଛି ଦିନ ଧରି ଲଗାତାର ଅଭିଯୋଗ ହେବା ପରେ ଖବର ସଂଗ୍ରହ ନିମନ୍ତେ ଗ୍ରାଉଣ୍ଡ ଜିର ରେ ପହଂଚିଥିଲେ ଜୈନିକ ଗଣମାଧ୍ୟମ ପ୍ରତିନିଧି ଜଣଙ୍କ ହେଲେ ସେଠାରେ ଉପସ୍ଥିତ ଚୋରାଚାଲାଣ କାରି ମାଫିଆ କବିରାଜ ସାହୁ ତାଙ୍କ ପୁଅ ରଜନୀକାନ୍ତ ସାହୁ ହଟାତ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରକୁ ଆକ୍ରମଣ କରି ତାଙ୍କୁ ଗଳା ଧକ୍କା ମାରିଥିଲେ ଯାହାଦ୍ୱରା ତାଙ୍କ ପାଟିରୁ ରକ୍ତ ବାହାରି ଥିଲା ଓ ପରେ ଉକ୍ତ ଚୋରା ମୋରମ ପଡୁଥିବା ଜାଗା ମାଲିକ ସଞ୍ଜୟ ପଣ୍ଡା ନିଜ ନିକଟରେ ଥିବା ଏକ ବନ୍ଧୁକରେ ଗଣମାଧ୍ୟମ ପ୍ରତିନିଧିଙ୍କ ଛାତିକୁ ମରିବା ସହିତ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ଜୀବନ ରେ ମାରିଦେବାକୁ ଧମକ ଦେଇଥିବା ନେଇ ଜୈନିକ ଗଣମାଧ୍ୟମ ପ୍ରତିନିଧି ଜଣଙ୍କ ଧରାକୋଟ ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ଘଟଣାରେ ଖୋଦ ଜିଲ୍ଲା ଏସ୍ ପି ହସ୍ତକ୍ଷେପ କରିବା ସହ ଦିନ ଦ୍ୱିପ୍ରହର ରେ ସରକାରଙ୍କ ରାଜସ୍ୱ କୁ ହଡପ କରି ଗଣମାଧ୍ୟମର କଣ୍ଠ ରୋଧ କରିବା କୁ ଉଦ୍ୟମ କରୁଥିବା ମାଫିଆ ଙ୍କ ବିରୋଧ ରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଦାବି ହୋଇଛି । ପ୍ରକାଶ ଥାଉକି ଏହି ଚୋରା ଚାଲାଣ ସମ୍ପର୍କରେ ଧରାକୋଟ ତହସିଲଦାର ଙ୍କୁ ଅବଗତ କରାଯାଇଥିଲା । ତହସିଲଦାର ସମ୍ପୃକ୍ତ ଅଂଚଳର ରାଜସ୍ୱ ନିରୀକ୍ଷକଙ୍କୁ ଉକ୍ତ ଚୋରା ଚାଲାଣ କାରୀଙ୍କ ସମ୍ପର୍କରେ ଅବଗତ କରାଇବା ସହିତ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ପ୍ରକାଶ ଥାଉକି ଗତ ସାଧାରଣ ନିର୍ବାଚନ ପରଠାରୁ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ସମଗ୍ର ଗଞ୍ଜାମ ଜିଲ୍ଲାରେ ବଢ଼ି ବାକୁ ଲାଗିଛି । ଗତ କିଛି ଦିନ ତଳେ ଜିଲ୍ଲାରୁ ୧୭ଟି ମଉଜର ସହ ୧୮ଜଣ ଙ୍କୁ ପୋଲିସ ଗିରଫ କରିଥିବାର ନଜିର ରହିଛି । ହେଲେ ଜୈନିକ ସାମ୍ବାଦିକ ଙ୍କ ଏତଲା ପ୍ରକାରେ କଣ ଜିଲ୍ଲାରେ ଆହୁରି ମଉଜର ଗଛିତ ଅଛି କି ?

## ଷୋହଳ ପ୍ରହର ନାମଯଜ୍ଞ ସମ୍ପୂର୍ଣ୍ଣ

ଟିଟିଲାଗଡ, (ମହାଭାରତ ) : ବଲାଙ୍ଗୀର ଜିଲ୍ଲା ସଇଁନ୍ତଳା ବ୍ଲକ କନ୍ଧକେଳ ଗାଁ ଗ୍ରାମ ପଂଚାୟତ ଅନ୍ତର୍ଗତ ବଡମୁଣ୍ଡା ଗ୍ରାମ ରେ ବିରାଟ ପର୍ବ ର ବାର ବର୍ଷ ପୁର୍ତି ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ପାଂଚଦିନ ବିରାଟ ପର୍ବ ଗ୍ରାମ ର କଳାକାର ମାନଙ୍କ ଦ୍ୱାରା ପରିବେଶଣ ହୋଇଥିଲା ଏବଂ ପରେ ପରେ ଷୌହଳ ପ୍ରହର ନାମ ଯଜ୍ଞ ଚାରିଦିନ ଧରି ଚାଲିଥିବା ବେଳେ ପଣ୍ଡିତ ମନୋଜ ପଣ୍ଡା ସୁରଜ ପଣ୍ଡା, ରାଜେଶ ଦାସ ପୂଜାବିଧି କରିଥିବା ବେଳେ ତେଜରାଜ ସାହୁ ଓ ତାଙ୍କ ଧର୍ମପତ୍ନୀ ନିଳାଦ୍ରି ସାହୁ କର୍ତା ଥିବା ବେଳେ ପ୍ରମୋଦ କୁମାର ପଣ୍ଡା ସଭାପତି ଦାୟିତ୍ୱ ତୁଲାଇ ଥିଲେ । ଷୋହଳ ଟି କୀର୍ତନ ଦଳ ଅଂଶଗ୍ରହଣ କରିଥିବା ବେଳେ ସମସ୍ତ ଭକ୍ତ ମାନଙ୍କୁ ଅନ୍ନ ପ୍ରସାଦ ଦିଆଯାଇ ଥିବା ବେଳେ ବିରାଟ କଳସ ଯାତ୍ରା ସହ ନାମଯଜ୍ଞ ସମ୍ପୂର୍ଣ୍ଣ ହୋଇ ଥିଲା । ଉକ୍ତ କାର୍ଯ୍ୟକ୍ରମରେ ଗଜିନ୍ଦ୍ର ଗଡତିଆ , ସାଗର ମିର୍ଦ୍ଧା, ମୁରଳି ମିର୍ଦ୍ଧା, ସୁରେନ୍ଦ୍ର କାଣ୍ଡ ଏବଂ ବଡମୁଣ୍ଡା ଗ୍ରାମ ବାସୀ ଓ ଅଂଚଳ ବାସୀ ସହଯୋଗ କରିଥିଲେ ।

## ସମ୍ବଲପୁରରେ ସିଭିଲ୍ ଡିଫେନ୍ସ ମକ୍ ଡ୍ରିଲ୍ ସଫଳ

ସମ୍ବଲପୁର, (ମହାଭାରତ): ସମ୍ବଲପୁର ସହରରେ ଆଜି ଏକ ବ୍ୟାପକ ସିଭିଲ୍ ଡିଫେନ୍ସ ମକ୍ ଡ୍ରିଲ୍ ସଫଳତାର ସହିତ ଅନୁଷ୍ଠିତ ହୋଇଛି । ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିରେ ସହରର ପ୍ରତିକ୍ରିୟା ଓ ପରିଚାଳନା କ୍ଷମତାର ମୂଲ୍ୟାୟନ କରିବା ସହ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କାର୍ଯ୍ୟକ୍ରମ ସହରର ବିଭିନ୍ନ ସଂସ୍ଥା, ସ୍ୱେଚ୍ଛାସେବୀ ଗୋଷ୍ଠୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସହଯୋଗର ଏକ ଉଦାହରଣ ସ୍ଥାପନ କରିଛି । ଅଭ୍ୟାସର ପୃଷ୍ଠଭୂମି ଓ ପ୍ରସ୍ତୁତିଏହି ମକ୍ ଡ୍ରିଲ୍ ସମ୍ବଲପୁର ଜିଲ୍ଲା ପ୍ରଶାସନ, ସିଭିଲ୍ ଡିଫେନ୍ସ ବିଭାଗ, ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ମିଳିତ ଉଦ୍ୟମରେ ଆୟୋଜିତ ହୋଇଥିଲା । ଏହା ପୂର୍ବରୁ ଗଣମାଧ୍ୟମ ଜରିଆରେ ସଚେତନତା ସୃଷ୍ଟି କରାଯାଇଥିଲା । ଆଜି ଅପରାହ୍ନ ୪:୦୦ ଟାରେ ଅଭ୍ୟାସ ଆରମ୍ଭ ହେବା ସହ ସିଟି ସେ[ର ମଲ୍, ଲକ୍ଷ୍ମୀ ଟୋକିସ୍ ଚକ, ମୋଦିପଡା ଚକ, ଚେରୁଆପଡା ଏବଂ କ୍ଷେତରାଜପୁର ରେଳ ଷ୍ଟେସନ ନିକଟରେ ତ୍ରିବ ସାଇରନ୍ ବଜାଯାଇଥିଲା । ୩ ମିନିଟ୍ ଧରି ଚାଲିଥିବା ଏହି ସାଇରନ୍ ଏକ ଆକ୍ରମଣର ସଙ୍କେତ ଦେଇଥିଲା, ଯାହା ଜନସାଧାରଣଙ୍କୁ ତୁରନ୍ତ ଖୋଲା ସ୍ଥାନ ଛାଡ଼ି ନିକଟସ୍ଥ କୋଠାରେ ଆଶ୍ରୟ ନେବାକୁ ନିର୍ଦ୍ଦେଶ ଦେଇଥିଲା ।ସିଟି ସେ[ର ମଲ୍ ?ରେ ଜନସାଧାରଣ ଏବଂ ମଲ୍ କର୍ମଚାରୀମାନେ ଅତ୍ୟନ୍ତ ତୁରନ୍ତ ଓ ସଂଗଠିତ ଭାବେ ପ୍ରତିକ୍ରିୟା ଦେଖାଇଥିଲେ । ମଲ୍ ?ର କର୍ମଚାରି ଲୋକମାନଙ୍କୁ ସଚେତନ କରି ନିରାପଦ ସ୍ଥାନକୁ ନେଇଥିଲେ । ଆଖପାଖର ଦୋକାନ ମାଲିକ ନାଗରିକଙ୍କୁ ସେମାନଙ୍କ ଦୋକାନ ଓ ଇମାରତ ମଧ୍ୟରେ ଆଶ୍ରୟ ପ୍ରଦାନ କରି ସୁରକ୍ଷା ଗେଟ ବନ୍ଦ କରିଥିଲେ । ସହରର ଅନ୍ୟାନ୍ୟ ଅଂଚଳ, ଯେପରିକି ଟୋକିସ୍ ଚକ ଏବଂ ମୋଦିପଡା ଚକ, ମଧ୍ୟ ଏକ ସମାନ ସଂଗଠିତ ପ୍ରତିକ୍ରିୟା ଦେଖାଇଥିଲେ, ଯେଉଁଠାରେ ଲୋକମାନେ ଶାନ୍ତିପୂର୍ଣ୍ଣ ଭାବେ ନିକଟସ୍ଥ କୋଠାରେ ପ୍ରବେଶ କରିଥିଲେ । ଅପରାହ୍ନ ୪:୧୫ ଟାରେ ଦ୍ୱିତୀୟ ସାଇରେନ୍ ବଜାଯାଇଥିଲା, ଯାହା ପରିସ୍ଥିତି ସାଧାରଣ ହେବାର ସୂଚନା ଦେଇଥିଲା । ବିପର୍ଯ୍ୟୟ ପରିଚାଳନା ଓ ସହାୟତା ଅଭ୍ୟାସର ଦ୍ୱିତୀୟ ପର୍ଯ୍ୟାୟରେ ଆମ୍ବୁଲାନ୍ସ, ଅଗ୍ନିଶମ ଦଳ, ଏବଂ ଚିକିତ୍ସା ଟିମ୍ ?ର ଭୂମିକା ଗୁରୁତ୍ୱପୂର୍ଣ ଥିଲା । ଅଗ୍ନିଶମ ଦଳ ସମ୍ଭାବ୍ୟ ଅଗ୍ନିକାଣ୍ଡ ପରିସ୍ଥିତିରେ ମୁକାବିଲା କରିବା ପାଇଁ ଏକ ଅଭ୍ୟାସ କରିଥିଲେ, ଯେଉଁଠାରେ ସେମାନେ ଅଗ୍ନି ନିର୍ବାପକ ଯନ୍ତ୍ର ଏବଂ ଅନ୍ୟାନ୍ୟ ଉପକରଣର ପ୍ରୟୋଗ ପ୍ରଦର୍ଶନ କରିଥିଲେ । ଏକ ଚିକିତ୍ସା ଟିମ୍ ଆହତ ବ୍ୟକ୍ତିଙ୍କୁ (ଅଭ୍ୟାସର ଅଂଶ ସ୍ୱରୂପ) ପ୍ରାଥମିକ ଚିକିତ୍ସା ପ୍ରଦାନ କରି ଆମ୍ବୁଲାନ୍ସ ମାଧ୍ୟମରେ ସେମାନଙ୍କୁ ନିକଟସ୍ଥ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ଏହି ପ୍ରକ୍ରିୟା ବିପର୍ଯ୍ୟୟ ସମୟରେ ଜରୁରୀ ସେବାର ଦ୍ରୁତ ଓ ସଂଗଠିତ ପ୍ରତିକ୍ରିୟାର ଗୁରୁତ୍ୱକୁ ଉଜାଗର କରିଥିଲା ।ଏହି ଅଭ୍ୟାସରେ ବିଭିନ୍ନ ବେସରକାରୀ ସଂଗଠନ (ଏନଜିଓ), ଜାତୀୟ ସେବା ଯୋଜନା (ଏନଏସଏସ), ଜାତୀୟ କ୍ୟାଡେଟ କୋର (ଏନସିସି), ଏବଂ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ଗୋଷ୍ଠୀ ସକ୍ରିୟ ଭାଗିଦାରୀ ଗ୍ରହଣ କରିଥିଲେ । ଏନସିସି ଓ ଏନଏସଏସ ସ୍ୱେଚ୍ଛାସେବୀମାନେ ଜନସାଧାରଣଙ୍କୁ ବିଭିନ୍ନ ନିର୍ଦ୍ଦେଶ ଦେବା, ଭିଡ଼ ନିୟନ୍ତ୍ରଣ କରିବା, ଏବଂ ଜରୁରୀ ସ୍ଥିତିରେ ସହାୟତା ପ୍ରଦାନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏହି ସଂଗଠନ ଗୁଡ଼ିକର ସହଯୋଗ ଅଭ୍ୟାସ ସଫଳ ହେବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲା । ଏହା ସହରର ବ୍ୟବସାୟୀ, ଛାତ୍ର, ଏବଂ ଅନ୍ୟାନ୍ୟ ନାଗରିକମାନଙ୍କ ମଧ୍ୟରେ ଏକ ସାମୂହିକ ଦାୟିତ୍ୱବୋଧ ସୃଷ୍ଟି କରିଛି ।

## ମହାବୀର କ୍ଷେତ୍ରରୁ ଶ୍ରୀ କ୍ଷେତ୍ରକୁ ତୁଳସୀ ସେବା

ଦଶପଲ୍ଲା , (ମହାଭାରତ) : ଓଡିଶା ର ଭଗବାନ କହିଲେ ପ୍ରଥମେ ପ୍ରଭୂ ଶ୍ରୀ ଜଗନ୍ନାଥ ଙ୍କୁ ହିଁ ବୁଝାଇଥାଏ । ତେବେ ପ୍ରଭୂ ଶ୍ରୀ ଜଗନ୍ନାଥ ହେଉଛନ୍ତି ଭକ୍ତ ର ଭଗବାନ । କାରଣ କେତେବେଳେ ସେ ଦାଶିଆ ବାଉରୀ ହାତରୁ ନଡ଼ିଆ ନେଇଛନ୍ତି ତ କେତେବେଳେ ଭକ୍ତ ସାଲବେଗ ପାଇଁ ରଥ ଅଟକାଇଦେଉଛନ୍ତି । ତେବେ ପ୍ରଭୂ ଙ୍କ ର ପୂଜା ବିଦ୍ଧି ତୁଳସୀ ବିନା ଅସମ୍ଭବ । ତୁଳସୀ ପ୍ରତିଦିନ ପ୍ରଭୂ ଙ୍କ ଶ୍ରୀ ଅଙ୍ଗରେ ଲାଗି ଥାଏ । ଏହି ତୁଳସୀ ସେବା ଦଶପଲ୍ଲା ତଥା ମହାବୀର କ୍ଷେତ୍ରରୁ ପ୍ରତି ବର୍ଷ ଫୁଲ ଆଉ ତୁଳସୀ ପଠାଯାଇଥାଏ । ତେବେ ମହାବୀର କ୍ଷେତ୍ର ଓ ଶ୍ରୀ କ୍ଷେତ୍ର ମଧ୍ୟରେ କାହିଁ କେଉଁ ଆବାହମାନ କାଳରୁ ସମ୍ପର୍କ ରହି ଆସିଛି । କାରଣ ପ୍ରଭୂଙ୍କ ଘୋଷ ଯାତ୍ରା ଲାଗି ରଥ କାଠ ଏହି ମହାବୀର କ୍ଷେତ୍ର ରୁ ଯାଇଥାଏ । ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ୩ନମ୍ବର ୱାର୍ଡର ଜଗନ୍ନାଥ ପ୍ରେମୀ ଭକ୍ତ ସ୍ୱରୂପ ସୁରଜିତ ସାହୁ ନିଜେ ବିଗତ ୫ବର୍ଷରୁ ଅଧିକ ହେବ ଏହି ଫୁଲ ତୁଳସୀ ସେବା କରିଆସୁଛନ୍ତି । ଏଥିପାଇଁ ଦଶପଲ୍ଲା ର ଅଗଣିତ ଜଗନ୍ନାଥ ପ୍ରେମୀ ଭକ୍ତମାନେ ସାହାଯ୍ୟ ସହଯୋଗ କରିଥାନ୍ତି ।ଏଥିପାଇଁ କମ ବୟସର ବ୍ୟକ୍ତି ଏତେ ମହାନ କାର୍ଯ୍ୟ କରୁଥିବାରୁ ସତରେ ସାଧୁବାଦ ପ୍ରାପ୍ୟ ର ଅଧିକାରୀବୋଲି ଦଶପଲ୍ଲାବାସୀ କୁହନ୍ତି ।

## ପାଣିକୋରଡ-ପଣ୍ଡାଳମ ରାସ୍ତା ଶୋଚନୀୟ, ମରାମତି ପାଇଁ ଦାବି

କଳାପଥର, (ମହାଭାରତ) : ବାଙ୍କୀ ବ୍ଲକ ଅନ୍ତର୍ଗତ ପୁଇଁଚା ପଂଚାୟତ ପାଣିକୋରଡ – ପଣ୍ଡାଳମ ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି । ୧୯୮୦-୮୧ ମସିହାରେ କ[ାବାଡ ଗ୍ରାମର ସମାଜସେବୀ ତଥା ରମାମଣି ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ପଦ୍ମଚରଣ ପାଣିଗ୍ରାହୀ ସେତେବେଳେ ଏକ ମହାବିଦ୍ୟାଳୟ ପ୍ରତିଷ୍ଠା କରିବା ସହିତ ବାଙ୍କୀର ବିଭିନ୍ନ ଗ୍ରାମାଂଚଳରୁ ଏହି ମହବିଦ୍ୟାଳୟକୁ ସୁବିଧାରେ ଛାତ୍ରଛାତ୍ରୀ ଆସିବା ପାଇଁ ପାଣିକୋରଡ ଓ ପଣ୍ଡାଳମ ଗହୀର ମଧ୍ୟ ଦେଇ ଏକ ରାସ୍ତା ପରିକଳ୍ପନା କରିବା ସହ ସ୍ଥାନୀୟ ଦୁଇ ଗ୍ରାମର ଜନସାଧାରଣଙ୍କୁ ନେଇ ଏକ ବୈଠକ କରିଥିଲେ । କିନ୍ତୁ କିଛି ଲୋକ ଏହାକୁ ବିରୋଧ କରି ରାସ୍ତା ପାଇଁ ସେମାନଙ୍କର ଜମିକୁ ଦେବା ପାଇଁ ମନା କରିଥିଲେ । ସେତେବେଳେ



ଅନେକ ଜନସାଧାରଣ ଏହି ରାସ୍ତା ପାଇଁ ଦାବି କରିଥିଲେ କିନ୍ତୁ ତାହା ସଫଳ ହୋଇପାରିନଥିଲା । ୫ବର୍ଷ ତଳେ ଦୁଇ ଗ୍ରାମର ଜନସାଧାରଣ ବସି ରାସ୍ତା ନିର୍ମାଣ ପାଇଁ ଜମି ଛାଡିଥିଲେ ଓ ପାଣିକୋରଡ-ପଣ୍ଡାଳମ ରାସ୍ତା ପାଇଁ ବାଟ ଫିଟିଥିଲା । ପୁଇଁଚା ଗ୍ରାମ ପଂଚାୟତର ଆର୍ଥିକ ଅନୁଦାନରେ ରାସ୍ତାରେ କିଛି ମୋରମ୍ ବିଛା ଯାଇ ରାସ୍ତା ନିର୍ମାଣ କରାଯାଇଥିଲା । ପରେ ଏହାକୁ ପ୍ରଧାନ ମନ୍ତ୍ରୀ ସଡକ ଯୋଜନାରେ ସାମିଲ୍ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି । ବର୍ତମାନ ସୁଦ୍ଧା ଏହି ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି ଏହାକୁ ଶୀଘ୍ର ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ୍ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଲୋକନାଥ ପଣ୍ଡା, ରମାମଣି ମହାବିଦ୍ୟାଳୟ ପୂର୍ବତନ ଅଧ୍ୟାପକ ମନୋଜ କୁମାର ମହାପାତ୍ର ପ୍ରମୁଖ ବହୁବ୍ୟକ୍ତି ଦାବି କରିଛନ୍ତି । ଏହି ରାସ୍ତା ଦେଇ ବାଙ୍କୀ ପଟୁ କଂଟାବାଡ ଓ ଗୋବିନ୍ଦପୁର ଦେଇ ଖୋର୍ଦ୍ଧା, କଳାପଥର, ବେଗୁନିଆ ଆଦି ସ୍ଥାନକୁ ସହଜରେ ଓ କମ୍ ଦୂରତାରେ ଶୀଘ୍ର ପହଂଚି ହେବ ।

## ବାବା ପୂର୍ଣେଶ୍ୱର ମନ୍ଦିର ପରିବେଶ ସଫେଇ କାର୍ଯ୍ୟକ୍ରମ

ରାଇରଙ୍ଗପୁର, (ମହାଭାରତ) : ରାଇରଙ୍ଗପୁର ତହସିଲ ପକ୍ଷରୁ ଦକ୍ଷ ପ୍ରଶାସକ ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଏବଂ ତାଙ୍କ ଟିମ୍ ଦ୍ୱାରା ବହୁବିଧ ସାମାଜିକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ନିକଟରେ ପ୍ରବଳ ଗ୍ରୀଷ୍ମପ୍ରବାହରେ ସରକାରୀ, ବେସରକାରୀ , ଜନଶୁଣାଣୀକୁ ଆସୁଥିବା ଅଭିଯୋଗକାରୀ ମାନଙ୍କୁ ୩ ଥର ଦହି ସରବତ,ପୁଦିନା ସରବତ ବେଲ ପଣା ବଂଟନ କରାଯାଇଛି । ଠାକୁରାଣୀଡ଼େରା ଗ୍ରାମସ୍ଥ ରାଜସ୍ୱ ଦେବୋତର ଜମିରେ ବହୁ ବୃକ୍ଷ ଲଗାଯାଇ ସବୁଜିମା କରାଯାଇଛି । ରାଇରଙ୍ଗପୁର କୁଚେଇବୁଡି ଗ୍ରାମସ୍ଥ ବହୁ ପୁରାତନ ଶୈବପୀଠ ଶ୍ରୀ ଶ୍ରୀ ବାବା ପୂର୍ଣେଶ୍ୱର ମନ୍ଦିର ପାଚେରୀ ବାହାରେ ସୁନ୍ଦର ସୁନ୍ଦର ବୃକ୍ଷ ଲଗାଇବା ସହ ମନ୍ଦିର ପରିସରରେ ଏକ ମିନି ସବୁଜ ଫୁଲ ବଗିଚା କରାଯାଇଥିବା ସହ ମନ୍ଦିର ଭିତର ପାର୍ଶ୍ୱରେ ସୁନ୍ଦର ସୁନ୍ଦର ଆକର୍ଷଣୀୟ ଫୁଲଗଛ ଏବଂ କ୍ରୋଟନ ଗଛ ଲଗାଇ ମନ୍ଦିର ପରିବେଶକୁ ସୁଜିମା ମନୋଲୋଭା କରାଯାଇଛି । ଦେବାଳୟରେ ପରିବେଶ ଦ୍ୱିଗୁଣିତ



କରିଛନ୍ତି । ତଦସହ ମିନିପାର୍କ ଏବଂ ମନ୍ଦିର ଭିତରେ ଥିବା ଅନାବନା ଗଛ,ପତ୍ର,ଜରି ସବୁ ନିଜେ ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଏବଂ ତାଙ୍କ କର୍ମଚାରୀ ନିଜ ହାତରେ ସଫେଇ କରିଛନ୍ତି । ଧାର୍ମିକ ବ୍ୟକ୍ତି ତହସିଲଦାର କୁହନ୍ତି ଖାଲି ଗଛ ଓ ଲତା ଲଗାଇଲେ ଲାଭ କିଛି ହେବ ନାହିଁ ।ତାହାକୁ ନିଜ ଗଛ ଓ ନିଜ ଘର ଭାବି ସଫା କରିବା ସହ ସୁରକ୍ଷା ଓ ଯତ୍ନ ନେବା ଉଚିତ । ତାଙ୍କର ଏହି ଅଭିନବ ନିଆରା ପ୍ରୟାସ କୁ ସମସ୍ତେ ପ୍ରଶଂସା କରିଛନ୍ତି । ତହସିଲଦାରଙ୍କ ସହ ରାଜସ୍ୱ ପର୍ଯ୍ୟବେକ୍ଷକ ଇଂ ନିହାର କୁମାର ପାତ୍ର,ଆର ଆଇ ଇଂ ରଞ୍ଜନ ମହାନ୍ତ,ଆର ଆଇ ସୁନାରାମ ମାଝୀ,ଆର ଆଇ ନମିତା ସେଠୀ,ଆର ଆଇ ସ୍ମିତା ମହାକୁଡ଼,ସମସ୍ତ ଏ ଆର ଆଇ, ଲିପୁନ ସମେତ ଅନ୍ୟମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ମହତ ଭୂମିକା ନିଭାଇଛନ୍ତି ।

## ମଧ୍ୟଖଣ୍ଡରେ ଅନୁଷ୍ଠିତ ହେଲା ରାବଣ ବନ୍ଧ

ଦଶପଲ୍ଲା, (ମହାଭାରତ) : ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ଗ୍ରାମ ପଂଚାୟତ ରେ ମଙ୍ଗଳବାର ଦିନ ରାବଣ ବଦ୍ଧ ନାଟକ ଅନୁଷ୍ଠିତ ହୋଇଯାଇଛି । ଅନେକ କଳାକାର ନିଜ ନିଜ ର କଳାକୃତି ଅତି ନିଖୁଣ ଭାବରେ ପ୍ରଦର୍ଶନ କରିଥିଲେ ।ବିଗତ ୬୦ ବର୍ଷ ରୁ ଉର୍ଦ୍ଧ ଏହି ରାମଲୀଳା ନାଟକ ଅନୁଷ୍ଠିତ ହୋଇଆସୁଛି । ଅନେକ କଳାକାର ନିଜର କଳା ର ଛାପ ଛାଡିଯାଇଛନ୍ତି । ତେବେ ଅନେକ ବରିଷ୍ଠ କଳାକାର ବର୍ତମାନ ସୁଦ୍ଧା ବଂଚି ରହିଛନ୍ତି ଓ ଏହି ରାମଲୀଳା ନାଟକ ରେ ନୂତନ ଭାବେ ଅଭିନୟ କରୁଥିବା ଛୋଟ ଛୋଟ କଳାକାର ଙ୍କୁ ଅଭିନୟ କରିବାର ଶୈଳୀ ଶିଖାଉଛନ୍ତି । ଯାହାଦ୍ୱାରା ଆଗାମୀ ପିଢ଼ି ଏ ପ୍ରଥା ଓ ପରମ୍ପରା କୁ ଉଜ୍ଜୀବିତ ରଖିପାରିବେ । ତେବେ ଏହି ରାମଲୀଳା ନାଟକ ର ମୁଖ୍ୟ ନାଟକ ରାବଣ ବଦ୍ଧ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଥିଲା । ଦୀର୍ଘ ୨୨ ଦିନ ଧରି ଏହି ନାଟକ ର ଭିନ୍ନ ଭିନ୍ନ ପ୍ରସଙ୍ଗ ମାନ ମଂଚସ୍ଥ ହେଉଥିଲା । ମଙ୍ଗଳବାର ରାତି ରେ ପ୍ରଥମେ ଦୁଇ ତିନୋଟି ପ୍ରସଙ୍ଗ ଅନୁଷ୍ଠିତ ହେବା ପରେ ରାବଣ ବଧ ନାଟକ ମଂଚସ୍ଥ ହୋଇଥିଲା । ସମସ୍ତ କଳାକାର ଓ ଗ୍ରାମବାସୀ ମିଶି ଏକ ବିରାଟ ପଟୁଆରରେ ଗ୍ରାମ୍ୟ ପରିକ୍ରମା କରି ସରିଲା ପରେ ରାବଣ ବଦ୍ଧ କରାଯାଇଥିଲା । ବିଭିନ୍ନ ପ୍ରକାର ଆତସାବାଜୀ ର ପ୍ରଦର୍ଶନ ମଧ୍ୟ କରାଯାଇଥିଲା ।ସରପଂଚ ସସ୍ମିତା ପ୍ରଧାନ, ପୂର୍ବତନ ସରପଂଚ ଲୋକନାଥ ପ୍ରଧାନ, ୧୧ ନଂ ଜିଲ୍ଲାପରିଷଦ ସଭ୍ୟ ବସନ୍ତ କୁମାର ପ୍ରଧାନ, ପ୍ରହଲ୍ଲାଦ ପରିଡା,ମନୋରଞ୍ଜନ ମିଶ୍ର, ମୃତ୍ୟୁଞ୍ଜୟ ପ୍ରଧାନ ଓ କଳାକାର ଯଥା ବିମ୍ବାଧର ବାରିକି,ଅଭି,ସିଲୁ, ସନ୍ତୋଷ, ବୁଢା, ଉପେନ୍ଦ୍ର, ସୁଦାମ (ପଳଉ ), ପପୁ, ସୂରିଆ, ଚିତ, ବୁବୁନୁ, ସୂରିଆ, ଜିତୁ, ବୁବୁନୁ, ବା[, ରଞ୍ଜିତି, ଶୁକ,ବିଶ୍ୱନାଥ ପରିଡା ଆଦି କଳାକାର ମାନଙ୍କ ମୁଖ୍ୟ ତତ୍ୱାବଧାନରେ ନାଟକ ଟି ସୁପରିଚାଳିତ ହୋଇଥିଲା ।ସମସ୍ତ ଗ୍ରାମବାସୀ ଙ୍କ ସହଯୋଗ ରେ ଏହି ଯାତ୍ରା ସମ୍ପାଦିତ ହୋଇଥିଲା । ତେବେ ପୁରାତନ ନାଟ୍ୟକାର ମାନଙ୍କୁ ଏହି ମଂଚରେ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପଲ୍ଲୀ ପ୍ରକୃତିକୁ ଶ୍ରୀହୀନ କରୁଛି ଓଏମସି କମ୍ପାନୀ

ସୁନ୍ଦରଗଡ, (ମହାଭାରତ) : ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକ ଭୁତୁଡ଼ା ପଂଚାୟତ ଇଲାକାରେ ଥିବା କୁର୍ମିତର ଲୌହ ଖଣିର ବେଲ୍ଟ ଲାଇନ ନିର୍ମାଣକୁ ନେଇ ଲୋକେ ଏବେ ତୀବ୍ର ବିରୋଧ କରୁଥିବା ଦେଖିବାକୁ ମିଳିଛି । କାରଣ ବେଲ୍ଟ ଲାଇନ କାମ ପାଇଥିବା ଠିକା ସଂସ୍ଥା ଜରିଆରେ କୁର୍ମିତର ଖଣିରୁ ଦମାଲୁ ଯାଏଁ ଲୌହ ପଥର ବେଲ୍ଟ ଲାଇନ ଜରିଆରେ ପରିବହନ ପାଇଁ ମଂଜୁର ହେବା ପରେ ନିର୍ମାଣ କାମ ଆରମ୍ଭ ହେଲା କିନ୍ତୁ ଭୁତୁଡ଼ା ପଂଚାୟତର ଝରଣାକୁ ମାଟି ପକାଇ ପୋତି ଦେଉଥିବାର ଲୋକେ ଅଭିଯୋଗ କରିଛନ୍ତି । ମାଟି ପକାଇବା ଯୋଗୁଁ ଝରଣାର ସ୍ରୋତ ସମ୍ପୂର୍ଣ୍ଣ ବନ୍ଦ ହେବାକୁ ବସିଲାଣି । ଭୂତୁଡା ପଂଚାୟତ ର ଅଧିକାଂଶ ଲୋକେ ଏହି ଝରଣା ପାଣି ଉପରେ ଦୈନନ୍ଦିନ ଜଳ ଆବଶ୍ୟକତା ପୂରଣ କରୁଥିବା ବେଳେ ଏହା ଏବେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ପାହାଡିଆ ଜାଗାରେ ପନି ପରିବା ଚାଷ କରି ପରିବାର ପ୍ରତିପୋଷଣ କରୁଥିବା ଲୋକେ ଜଳ ଅଭାବରୁ ଆଜି ତାହାବି ମୁଷ୍କିଲ ହେଇ ପଡିଛି । ଖାଲି ସେତିକି ନୁହେଁ, କମ୍ପାନୀ ଝରଣାରେ ମାଟି ଛାଡୁଥିବା ଯୋଗୁଁ ଲୋକେ ଏବେ



ନାଳିଆ ପାଣି ପିଇବାକୁ ବାଧ ହେଉଛନ୍ତି । ଯାହାଫଳରେ ଲୋକେ ଅନେକ ରୋଗରେ ଆକ୍ରାନ୍ତ ହେଉଥିବାର ଦେଖିବାକୁ ମିଳିଛି । ଏ ସମସ୍ୟା ବାବଦରେ ଗ୍ରାମବାସୀ କମ୍ପାନୀ କର୍ତୃପକ୍ଷଙ୍କ ପାଖରେ ଅଭିଯୋଗ କଲାପରେ ସମସ୍ୟାର ସମାଧାନ ପରିବର୍ତେ ପୁଲିସ ଡକାଇ ଲୋକଙ୍କୁ ପୋଲିସ ଭୟ ଦେଖାଉଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଗ୍ରାମବାସୀ ଭୂତୁଡା ସରପଂଚଙ୍କୁ ଜଣାଇବା ପରେ ସରପଂଚ ବାସନ୍ତୀ ମୁଣ୍ଡା ଝରଣାର ପୁନର ଉଦ୍ଧାର ଏବଂ ଯେପର୍ଯ୍ୟନ୍ତ ପୁନରୁଦ୍ଧାର ନହୋଇଛି କାମ ବନ୍ଦ ପାଇଁ ଜିଲ୍ଲା ପ୍ରଶାସନ ଓ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଥିବା ଜଣା ପଡିଛି । ତେବେ ଯଦି ଝରଣାର ପୁନର ଉଦ୍ଧାର କରା ନଯାଏ ତେବେ ଆଗାମୀ ଦିନରେ ଓ ଏମ ସି କମ୍ପାନୀକୁ ବନ୍ଦ କରିବା ସହିତ ରାଜରାସ୍ତା କୁ ଓହ୍ଲାଇବା ପାଇଁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ୧୫ ଦିନ ପରେ ମୃତଦେହ ଉଦ୍ଧାର

ଜି ଉଦୟଗିରି, (ମହାଭାରତ) : ଜି.ଉଦୟଗିରି ପୁଲିସ୍ ସୁଜେଲି ଗ୍ରାମର ପାତ୍ର ନାୟକ (୬୨)ଙ୍କ ଗଳିତ ମୃତଦେହ ଉଦ୍ଧାର ପରେ ବ୍ରହ୍ମପୁର ଏମ୍ସିଏମଟିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି । ପ୍ରାୟ ଗତ ୧୫ ଦିନ ତଳେ ପାତ୍ର ନାୟକ ନିଖୋଜ ଥିବାବେଳେ ଏ ନେଇ ପୁଲିସରେ କୌଣସି ଅଭିଯୋଗ କରାଯାଇନଥିଲା । ଆଜି ସକାଳେ ଜଙ୍ଗଲକୁ ଯାଇଥିବା କିଛି ଲୋକ ପାତ୍ର ନାୟକଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ ଏବଂ ପୁଲିସକୁ ଖବର ଦେଇଥିଲେ । ଖବର ପାଇ ଜି.ଉଦୟଗିରି ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ, ଏସଆଇ ରଞ୍ଜିତା ବେହେରା, ଏଏସଆଇ, ରବୀନ୍ଦ୍ର କୁମାର ସେଠୀ ଓ ବନବିଭାଗ ସହକାରୀ ବନ ସଂରକ୍ଷକ କାଜଲ ନାୟକ, ବନପାଳ ରଶ୍ମିତା ବକ୍ସି, ପ୍ରଶାନ୍ତ କୁମାର ସାହୁ, ବନରକ୍ଷୀ ବିଭୁ ରଞ୍ଜନ ସାମନ୍ତରାୟ ଓ ମନୋଜ କୁମାର ମହାପାତ୍ର ପ୍ରମୁଖ ଘଟଣାସ୍ଥଳକୁ ଯାଇଥିଲେ । ଜି.ଉଦୟଗିରି ପୁଲିସ ଏବଂ ବନ ବିଭାଗ ପକ୍ଷରୁ ଘଟଣାସ୍ଥଳରୁ ପଚାସଢ଼ା ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ଏମ୍ସିଏମଟିକୁ ପଠାଇଥିଲେ ।

## ରାଇରଙ୍ଗପୁରରେ 'ବୟନିକା'ର ୬୯ ତମ ପ୍ରତିଷ୍ଠା ଦିବସ ପାଳିତ

ରାଇରଙ୍ଗପୁର, (ମହାଭାରତ) : ଓଡ଼ିଶା ହସ୍ତତନ୍ତର ଅଗ୍ରଣୀ ଅନୁଷ୍ଠାନ '[ୟନିକା' ର ୬୯ ତମ ପ୍ରତିଷ୍ଠା ଦିବସ ଓଡ଼ିଶା ସମେତ ଭାରତ ଏବଂ ଭାରତ ବାହାରେ ଯେଉଁଠାରେ ବୟନିକା ବିପଣନ କେନ୍ଦ୍ର ଅଛି ସେଠାରେ ପାଳିତ ହୋଇଯାଇଛି ।ସାରା ବିଶ୍ୱରେ ଓଡ଼ିଶା ହସ୍ତତନ୍ତର ବୟନିକା ର ଏକ ସ୍ୱତନ୍ତ୍ର ନିଆରା ପରିଚୟ ଅଛି । ଏହାର ମାନ, ବାନ୍ଧ କଳା ଗୁଣବତା, ଆକର୍ଷଣୀୟ ଡିଜାଇନ୍ ସମସ୍ତଙ୍କୁ ଆକର୍ଷଣିୟ କରିଛି । ରାଇରଙ୍ଗପୁର ସହରର ଗୋଲେଇ ଛକ ନିକଟସ୍ଥ ହରପାର୍ବତୀ ପାର୍ବତୀ ମଣ୍ଡପ ସମ୍ମୁଖରେ' ବୟନିକା 'ବିପଣନ କେନ୍ଦ୍ର ରେ ୬୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି ।ଏହି ଅବସରରେ [ାମନଘାଟୀ ଉପଜିଲ୍ଲାପାଳ ଶ୍ରୀ ସୌମ୍ୟରଂଜନ




ପ୍ରଧାନ ( ଆଇ ଏ ଏସ) ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍ଘାଟନ କରିଥିଲେ । ତାଙ୍କ ସହିତ ଟେକ୍ସଟାଇଲ ଇନ୍ସପେକ୍ଟର ଆକାଶ କୁମାର ପଲେଇ,ବୟନିକା ର ବିଭାଗୀୟ ଅଧିକାରୀ ସରୋଜ ରାଉତ,ବିଶ୍ୱ ରଞ୍ଜନ ଗିରି, ସୁବ୍ରତ ସ୍ୱାଇଁ, ସାମ୍ବାଦିକ ଅକ୍ଷୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଉପ ଜିଲ୍ଲାପାଳ ବୟନିକା ପରିସର ବୁଲି ଏହାର ପ୍ରଶଂସା କରିବା ସହ ଏହାର ପ୍ରଚାର ଏବଂ ପ୍ରସାର ପାଇଁ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୟନିକା ଫ୍ଲେକ୍ସି ମାରିବାକୁ ପରାମର୍ଶ ଦେଇଥିଲେ । ଯାହାଦ୍ୱାରା ସହରକୁ ଆସୁଥିବା ଦୈନିକ ହଜାର ହଜାର ଲୋକ ବୟନିକା କେନ୍ଦ୍ର କୁ ଯାଇ ନିଜ ମନ ପସନ୍ଦର ପୋଷାକ,ସମ୍ବଲପୁରୀଶାଢ଼ୀ,ଖଣ୍ଡୁଆ ପାଟ, ଗାମୁଛା,ରୁମାଲ, ଚାଦର, ଉତରୀୟ କିଣି ପାରିବେ ।ଏହି ଅବସରରେ ରାଜ୍ୟ ସରକାର ୨୦୨୪/୨୫ ରେ ବୟନିକା ର ବିକ୍ରି ୨୨୪ କୋଟି ଟଙ୍କା ରହିଛି । ୨୦୨୫ ବର୍ଷ ପାଇଁ ୨୭୦ କୋଟି ଟଙ୍କାର ବିକ୍ରି ର ଲକ୍ଷ୍ୟ ରଖାଯାଇଛି ।

## 'ଅପରେସନ ସିନ୍ଦୂର'ରେ ଆତଙ୍କୀ ମୁଖ୍ୟ ମାସୁଦ ପରିବାର ସଫା

ନୂଆଦିଲ୍ଲୀ: 'ଅପରେସନ ସିନ୍ଦୂର'ରେ ଥରୁଛି ପାକିସ୍ତାନ । ଭାରତ କରିଥିବା ଏୟାର ଷ୍ଟ୍ରାଇକରେ ମାସୁଦ ଅଜହରର ଘର ଉପରେ ଆକ୍ରମଣ ହୋଇଛି । ଯେଉଁଥିରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି । ମାସୁଦର ୪ ଅତି ନିକଟ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଛି । ତେବେ ରିପୋର୍ଟରେ କୁହାଯାଉଛି ମାସୁଦ ପରିବାରର ୧୪ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି । ମାସୁଦଙ୍କ ବଡ଼ ଭଉଣୀ, ଭିଣୋଇ, ଭଣଜା, ଭଣଜାଙ୍କ ପତ୍ନୀ, ଭାଣେଜୀ, ୫ ପିଲା, ୪ ଜଣ ସଂପର୍କୀୟଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ତାଲିକାରେ ମାସୁଦ ଅଜହରର ଭାଇ ଏବଂ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ରୌଫ୍ ଅସଗରର ପୁଅ ହୁଜୈଫା ମଧ୍ୟ ରହିଛି । ଏହା ବ୍ୟତୀତ ରୌଫ ଅସଗରଙ୍କ ଭାଇର ସ୍ତ୍ରୀଙ୍କ ମୃତ୍ୟୁ ଖବର ମଧ୍ୟ ସାମନାକୁ ଆସୁଛି। ସେନା, ନୌସେନା ଏବଂ ବାୟୁସେନାର ମିଳିତ ଅପରେସନରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଛନ୍ତି । ଭାରତ ଏହି ଅଭିଯାନର ନାମ ଅପରେସନ ସିନ୍ଦୂର ଦେଇଛି । ଭାରତୀୟ ସେନା ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଏହି କାର୍ଯ୍ୟାନୁଷ୍ଠାନ ବିଷୟରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରାଯାଇଛି । କର୍ଣ୍ଣେଲ ସୋଫିଆ କ୍ୟୁରେସୀ ଆୟୋଜିତ ଗଣମାଧ୍ୟମ ସମ୍ମିଳନୀରେ ଅପରେସନର ସମ୍ପୂର୍ଣ୍ଣ ବିବରଣୀ ଦେଇଛନ୍ତି । ସେ କହିଛନ୍ତି ଯେ, ରାତି ୧:୦୫ ରେ ପାକିସ୍ତାନ ଉପରେ ଏୟାର ଷ୍ଟ୍ରାଇକ୍ ହୋଇଥିଲା । ଏହି ଅପରେସନରେ ୯ଟି ସ୍ଥାନରେ ଆକ୍ରମଣ କରାଯାଇଥିଲା । ଏହି ରାତି ୧.୦୫ ରୁ ୧.୩୦ ପର୍ଯ୍ୟନ୍ତ ୨୫ ମିନିଟ୍ ଧରି ଚାଲିଥିଲା ।

ସାରା ଦେଶ ଶୋଇଥିବା ବେଳେ ସେନା ମଙ୍ଗଳବାର ମଧ୍ୟରାତ୍ରରେ ଏହାର ପ୍ରତିଶୋଧ ନେଇଛି । ସିନ୍ଦୂରର ବଦ୍ ?ଲା ସିନ୍ଦୂରରେ ନେଇଛି ସେନା । ଭାରତୀୟ ବାୟୁସେନା ପାକିସ୍ତାନ ଓ ପିଓକେର ୯ଟି ଆତଙ୍କବାଦୀ ଶିବିର ଉପରେ ଏୟାର ଷ୍ଟ୍ରାଇକ୍ କରିଛି । ଭାରତର ଏୟାର ଷ୍ଟ୍ରାଇକ୍ ?ରେ ପାକିସ୍ତାନ ଥରହର । ପାକିସ୍ତାନରେ ଏମରଜେନ୍ସି ଜାରି ହୋଇଛି । ଭାରତର ଆକ୍ରମଣ ପରେ ପାକିସ୍ତାନର ସବୁ ଶିକ୍ଷାନୁଷ୍ଠାନକୁ ଛୁଟି ଘୋଷଣା କରାଯାଇଛି । ମେଡିକାଲରେ ମଧ୍ୟ ଜରୁରୀକାଳୀନ ସ୍ଥିତି ଘୋଷଣା ହୋଇଛି । ରାୱଲପିଣ୍ଡି , ଲାହୋର ବିମାନବନ୍ଦର ବନ୍ଦ ରହିଛି ।

## ଛତିଶଗଡରେ ଏନକାଉଣ୍ଟର, ୨୨ ମାଓବାଦୀ ସଫା

ବସ୍ତର : ଛତିଶଗଡ଼ ଏବଂ ତେଲଙ୍ଗାନା ସୀମାରେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଏନକାଉଣ୍ଟରରେ ଯବାନମାନେ ୨୨ରୁ ଅଧିକ ମାଓବାଦୀଙ୍କୁ ନିହତ କରିଛନ୍ତି। ବସ୍ତର ଆଇଜି ସୁନ୍ଦରରାଜ ପି. ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ ଏନକାଉଣ୍ଟରକୁ ନିଶ୍ଚିତ କରିଛନ୍ତି। ମିଶନ ସଂକଳ୍ପ ବିଷୟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ କହିଛନ୍ତି ଯେ, "ବହୁ ଦିନ ଧରି ଛତିଶଗଡ଼-ତେଲେଙ୍ଗାନା ସୀମା କରେଗୁଟ୍ଟା ପାହାଡ଼ ନିକଟରେ ନକ୍ସଲ ବିରୋଧୀ ଅଭିଯାନ ଚାଲିଛି। ଆଜି ସେଠାରେ ହୋଇଥିବା ଏନକାଉଣ୍ଟରରେ ୨୨ରୁ ଅଧିକ ନକ୍ସଲଙ୍କ ମୃତଦେହ ମିଳିଛି।" ସୂଚନାଯୋଗ୍ୟ ଗତ ୧୬ ଦିନ ଧରି ଛତିଶଗଡ଼ର ବିଜାପୁର ଜିଲ୍ଲା ଏବଂ ତେଲେଙ୍ଗାନା ରାଜ୍ୟର ସୀମାନ୍ତରେ ଅବସ୍ଥିତ କରେଗୁଟ୍ଟା ପାହାଡ଼ରେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଏନକାଉଣ୍ଟର ଚାଲିଛି। ଆଜି ସକାଳେ ହୋଇଥିବା ଏନକାଉଣ୍ଟରରେ ଅନେକ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି।

## ବଢ଼ିଲା ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦ୍‌ଙ୍କ କାର୍ଯ୍ୟକାଳ

ନୂଆଦିଲ୍ଲୀ: ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦଙ୍କ ଗୋଟିଏ ବର୍ଷ ପାଇଁ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ମନୋନୟନ କମିଟିର ସୁପାରିଶ ଆଧାରରେ କ୍ୟାବିନେଟର ନିଯୁକ୍ତି କମିଟି ଶ୍ରୀ ସୁଦଙ୍କ କାର୍ଯ୍ୟକାଳ ୨୪ ମଇ ପରେ ଆଉ ଗୋଟିଏ ବର୍ଷ ପାଇଁ ବୃଦ୍ଧିକୁ ଅନୁମୋଦନ କରିଛି। ବୁଧବାର କେନ୍ଦ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ପ୍ରବୀଣ ସୁଦଙ୍କ କାର୍ଯ୍ୟକାଳକୁ ଏକ ବର୍ଷ ବୃଦ୍ଧି କରାଯାଇଛି। ଶ୍ରୀ ସୁଦ ୨୫ ମଇ, ୨୦୨୩ରେ ଦୁଇ ବର୍ଷ ପାଇଁ ସିବିଆଇ ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ମନୋନୟନ କମିଟିର ବୈଠକରେ ଏବଂ ଭାରତର ମୁଖ୍ୟ ବିଚାରପତି ସଞ୍ଜିବ ଖାନ୍ନା ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ନେଇ ଗଠିତ ବୈଠକରେ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାର ନିଷ୍ପତ୍ତି ନିଆଯାଇଛି ବୋଲି ଅଧିକାରୀମାନେ କହିଛନ୍ତି। ମନୋନୟନ କମିଟିର ସୁପାରିଶ ଉପରେ ଆଧାର କରି କ୍ୟାବିନେଟର ନିଯୁକ୍ତି କମିଟି ଶ୍ରୀ ସୁଦଙ୍କ କାର୍ଯ୍ୟକାଳ ୨୪ ମଇ ପରେ ଗୋଟିଏ ବର୍ଷ ପାଇଁ ବୃଦ୍ଧିକୁ ଅନୁମୋଦନ କରିଛି। ଶ୍ରୀ ସୁଦ କର୍ଣ୍ଣାଟକ କ୍ୟାଡରର ୧୯୮୬ ବ୍ୟାଚର ଭାରତୀୟ ପୁଲିସ ସେବା (ଆଇପିଏସ) ଅଧିକାରୀ। ସେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ନିର୍ଦ୍ଦେଶକ ଭାବରେ ଯୋଗଦେବା ସମୟରେ କର୍ଣ୍ଣାଟକର ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଭାବରେ କାର୍ଯ୍ୟ କରୁଥିଲେ। ୧୯୬୪ ମସିହାରେ ହିମାଚଳ ପ୍ରଦେଶର କାଙ୍ଗଡ଼ା ଜିଲାରେ ଜନ୍ମଗ୍ରହଣ କରିଥିବା ଶ୍ରୀ ସୁଦ ଦିଲ୍ଲୀର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ସିଭିଲ୍ ଇଞ୍ଜିନିୟରିଂରେ ଉତ୍ତୀର୍ଣ୍ଣ ହେବା ପରେ ମାତ୍ର ୨୨ ବର୍ଷ ବୟସରେ ଭାରତୀୟ ପୁଲିସ ସେବାରେ ଯୋଗ ଦେଇଥିଲେ। ସେ ବେଙ୍ଗାଲୁରୁର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ୍ ଏବଂ ନ୍ୟୁୟର୍କର ସାଇରାକ୍ୟୁଜ୍ ବିଶ୍ୱବିଦ୍ୟାଳୟର ମ୍ୟାକ୍ସୱେଲ୍ ସ୍କୁଲ୍ ଅଫ୍ ଗଭର୍ଣ୍ଣାନ୍ସରୁ ସ୍ନାତକୋତ୍ତର ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି।



## ସ୍କୁଲ ଭ୍ୟାନ୍-ଡମ୍ଫର ଧକ୍କା, ୭ ମୃତ

ନୂଆଦିଲ୍ଲୀ: ପଞ୍ଜାବର ପଟିୟାଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଏକ ସ୍କୁଲ ଭ୍ୟାନ ଏବଂ ଡମ୍ଫର ଧକ୍କା ଜୋରଦାର ଧକ୍କା ହେବାରୁ ୬ ପିଲାଙ୍କ ଜୀବନ ଚାଲିଯାଇଛି । ଏହାସହିତ ଭ୍ୟାନ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି । ସୂଚନା ମୁତାବକ, ସମାନା-ପଟିୟାଲା ରୋଡ ଟୋଲ ପ୍ଲାଜା ନିକଟରେ ସ୍କୁଲ ବସ୍ ଏବଂ ବାଲି ଭର୍ତ୍ତି ଡମ୍ଫର ଧକ୍କା ହୋଇଥିଲା । ପଟିୟାଲା ଭୂପିନ୍ଦ୍ରା ପବ୍ଲିକ ସ୍କୁଲର ରହିଥିଲେ । ଦୁର୍ଘଟଣାରେ ୬ ଜଣ ପିଲାଙ୍କ ଜୀବନ ଯାଇଥିବା ବେଳେ ଭ୍ୟାନ୍ ଡ୍ରାଇଭରଙ୍କ ଜୀବନ ଚାଲିଯାଇଛି । ଆହତଙ୍କୁ ସ୍ଥାନୀୟ ହସପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ପିଲାମାନେ ସ୍କୁଲରୁ ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି । ଜୋରଦାର ଧକ୍କାରେ ଭ୍ୟାନ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ତେଣୁ ଭିତରୁ ପିଲାଙ୍କୁ କାଢିବା ପାଇଁ କ୍ରେନର ସହାୟତା ନିଆଯାଇଥିଲା ।

# ଏଲଓସିରେ ଥିବା ନିରୀହଙ୍କୁ ଟାର୍ଗେଟ୍ କରୁଛି ପାକିସ୍ତାନ ସେନା



ନୂଆଦିଲ୍ଲୀ: 'ଅପରେସନ ସିନ୍ଦୂର'ରେ ପାକିସ୍ତାନ ଡରିକି ଛାନିଆ। ତେଣୁ ଭାରତର ମୁକାବିଲା କରିବାକୁ ଅସମର୍ଥ ଏହି ଦେଶ ଟାର୍ଗେଟ୍ କରୁଛି ଏଲଓସିରେ ରହୁଥିବା ସାଧାରଣ ନାଗରିକଙ୍କୁ । ପହଲଗାମ୍ ନରସଂହାର ପରେ ଭାରତ କାଳେ ଆକ୍ରମଣ କରିବ ସେହି ଭୟରେ ପାକିସ୍ତାନ ଯୁଦ୍ଧ ବିରତି ନମାନି ଗୁଳି ଚାଳନା ଜାରି ରଖିଥିଲା । ହେଲେ ଆଜି ସବୁ ସୀମା ପାର କରି ନିରୀହ ଲୋକଙ୍କୁ ମାରିଛି । ପାକିସ୍ତାନ ଯବାନମାନେ ଏଲଓସିରେ ଅନବରତ ଗୁଳି ଚାଳନା କରୁଛନ୍ତି । ଏହି ଗୁଳି ଚାଳନାରେ ୬ରୁ ଅଧିକ ଜଣ ଭାରତୀୟଙ୍କ ମୃତ୍ୟୁ ଘଟିଛି । ନିୟନ୍ତ୍ରଣ ରେଖା ସଂଲଗ୍ନ ପୁଞ୍ଚ ଜିଲ୍ଲାର ସୀମାନ୍ତ ଗାଁ ଗୁଡିକରେ ପାକିସ୍ତାନର ଆକ୍ରମଣରେ ନିରୀହ ଲୋକରଙ୍କର ମୃତ୍ୟୁ ହୋଇଛି । ସେମାନଙ୍କ ଘର କ୍ଷତିଗ୍ରସ୍ତ ହୋଇଛି । ଆତଙ୍କବାଦୀ ବିରୋଧରେ କାର୍ଯ୍ୟାନୁଷ୍ଠାନର ଜବାବରେ ପାକିସ୍ତାନ ସାଧାରଣ ଲୋକଙ୍କୁ ଟାର୍ଗେଟ କରିଛି । ପାକିସ୍ତାନର ଏହି ଆକ୍ରମଣ ପରେ କଶ୍ମୀର ପ୍ରଶାସନ ବି ସତର୍କ ହୋଇ ଯାଇଛି । ଗୋଟେ ପଟେ ଜମ୍ମୁ-କଶ୍ମୀରର ସୀମାବର୍ତ୍ତୀ ଅଞ୍ଚଳର ସମସ୍ତ ସ୍କୁଲ ଗୁଡିକ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଅନ୍ୟପଟେ ପଞ୍ଜାବର ଫିରୋଜପୁର ଏବଂ ଫାଜିଲକା ଜିଲ୍ଲାରେ ସ୍କୁଲ୍ ଗୁଡିକ ବନ୍ଦ ରଖାଯାଇଛି । ଦିଲ୍ଲୀ-ଏନସିଆରରେ ବି ଆଜି ଶୀଘ୍ର ସ୍କୁଲ୍ ବନ୍ଦ କରିଦିଆଯାଇଛି । ସେହି ସମୟରେ, ରାଜସ୍ଥାନ ସରକାର ପାକିସ୍ତାନ ସୀମାବର୍ତ୍ତୀ ଜିଲ୍ଲା ଗୁଡିକରେ ସ୍କୁଲକ ଗୁଡିକ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକୃତ କଥା ହେଲା ସରକାର ଚାହାନ୍ତି ନାହିଁ ଯେ ପାକିସ୍ତାନ ସହିତ ଏହି ଯୁଦ୍ଧରେ ସାଧାରଣ ନାଗରିକଙ୍କର କୌଣସି କ୍ଷତି ନହେଉ । ଏପଟେ ଚଣ୍ଡିଗଡ଼ ବିମାନ ବନ୍ଦରକୁ ବନ୍ଦ କରିଦିଆଯାଇଛି । ସେନା ବିମାନ ବନ୍ଦରକୁ ନିଜ ନିୟନ୍ତ୍ରଣକୁ ନେଇଛି । ଏଠାରୁ ସବୁ ବିମାନ ଯାତ୍ରା ଉପରେ ପ୍ରତିବନ୍ଧକ ଲାଗିଛି । ଏଠାରୁ କୌଣସି ବିମାନ ଅବତରଣ କିମ୍ବା ଉଡ଼ାଣ କରିବ ନାହିଁ । ବର୍ତ୍ତମାନ ଚଣ୍ଡିଗଡ଼ ବିମାନ ବନ୍ଦର ସମ୍ପୂର୍ଣ୍ଣ ଭାବରେ ସେନା ନିୟନ୍ତ୍ରଣରେ ରହିଛି । ପ୍ରଶାସନ ସକାଳେ ହିଁ ଏହି ବିମାନବନ୍ଦରକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ । ଆଜି ଏଠାରୁ ଛାଡିବାକୁ ଥିବା ମୋଟ୍ ୫୨ଟି ବିମାନର ଉଡ଼ାଣକୁ ବାତିଲ କରାଯାଇଛି । ଏଲଓସି ବା ଲାଇନ୍ ଅଫ୍ କଂଟ୍ରୋଲରେ ଲୋକମାନଙ୍କୁ ସୁରକ୍ଷିତ ଭାବେ ବଙ୍କରରେ ରହିବାକୁ କୁହାଯାଇଛି । ପହଲଗାମ ଆତଙ୍କୀ ଆକ୍ରମଣର ପ୍ରତିଶୋଧ ନେଉଛି ଭାରତ । ମଙ୍ଗଳବାର ରାତି ୧.୩୦ ମିନିଟ୍ । ପାକିସ୍ତାନର ୯ଟି ଆତଙ୍କୀ ଆଡ୍ଡାରେ ଏୟାର ଷ୍ଟ୍ରାଇକ କରିଥିଲା ଭାରତ । ଏହି ଆକ୍ରମଣର ନା' ଅପରେସନ ସିନ୍ଦୂର' ରଖାଯାଇଛି । ଭାରତ 'ଅପରେସନ ସିନ୍ଦୁର' ମାଧ୍ୟମରେ ପାକିସ୍ତାନ ଉପରେ ଉଚିତ୍ ପ୍ରତିଶୋଧ ନେଇଛି । ପାକିସ୍ତାନ ଏବଂ ପିଓକେ ଉପରେ ଆକ୍ରମଣ କରି ୯ଟି ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିଦେଇଛି ଭାରତ । ପାକିସ୍ତାନର ୪ ଓ ପିଓକେର ୫ଟି ସ୍ଥାନରେ ଭୀଷଣ ଆକ୍ରମଣ ହୋଇଛି । ମୁଜାଫାରବାଦ, ବହାୱାଲପୁର, କୋଟ୍ଲିରେ ଏୟାରଷ୍ଟ୍ରାଇକ ହୋଇଛି । ଚକ୍ ଆମ୍ରୁ, ଗୁଲପୁର ଭୀମବେର ଓ ମୁରିଦ୍ କେରେ ବୋମାବର୍ଷଣ । ସିଆଲକୋଟ ନିକଟସ୍ଥ ଆତଙ୍କୀ ଆଡ୍ଡାରେ ମଧ୍ୟ ବୋମାବର୍ଷଣ ହୋଇଛି । ୯ ଆଡ୍ଡାରେ ଆଟାକରେ ୯୦ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଛି । ବହୁ ଆହତ ହୋଇଛନ୍ତି । ବିଳମ୍ବିତ ରାତିରେ ଆତଙ୍କବାଦୀ ବିରୋଧରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା ଭାରତୀୟ ସେନା । ଭାରତୀୟ ସେନାର ସୂଚନା ଅନୁସାରେ, ପାକିସ୍ତାନ ସେନାର କୌଣସି ଶିବିର ଉପରେ ଆକ୍ରମଣ କରାଯାଇ ନାହିଁ । କେବଳ ଆତଙ୍କୀଙ୍କ ଶିବିରକୁ ଟାର୍ଗେଟ୍ କରାଯାଇଛି । ହେଲେ ପାକିସ୍ତାନ ଆତଙ୍କୀଙ୍କ ଜରିଆରେ ହେଉ କିମ୍ବା ଏହାର ଯବାନମାନେ ଭାରତର ସାଧାରଣ ନାଗରିକଙ୍କୁ ଉପରେ ଗୁଳି ବର୍ଷଣ କରୁଛନ୍ତି । ଯାହାଫଳରେ ଏଲଓସିରେ ଏଭଳି ସ୍ଥିତି ଉପୁଜିଛି ।

## ପାକିସ୍ତାନ ଉପରେ ଏୟାରଷ୍ଟ୍ରାଇକ୍ ପରେ ୟୁପିରେ ରେଡ୍ ଆଲର୍ଟ



ନୂଆଦିଲ୍ଲୀ: ପାକିସ୍ତାନରେ ଆତଙ୍କୀ ଆଡ୍ଡା ଉପରେ ଭାରତୀୟ ବାୟୁସେନାର ଏୟାରଷ୍ଟ୍ରାଇକ୍ । ବାୟୁସେନାର 'ଅପରେସନ ସିନ୍ଦୂର' ପରେ ଏବେ ପୂରା ଉତ୍ତର ପ୍ରଦେଶରେ ରେଡ୍ ଆଲର୍ଟ ଘୋଷଣା କରାଯାଇଛି । ଡିଜିପି ପ୍ରଶାନ୍ତ କୁମାର ସୋସିଆଲ ମିଡିଆରେ ଏ ନେଇ ସୂଚନା ଦେଇଛନ୍ତି । ସେ ସମସ୍ତ ଜିଲ୍ଲା ପୋଲିସକୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ଆଜି ମେ' ୭ରେ ପୂରା ରାଜ୍ୟରେ 'ମକ୍ ଡ୍ରିଲ୍' କରାଯିବ । କହି ରଖୁଛୁ ଯେ ଭାରତୀୟ ସେନା ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ଦେଢ଼ଟାରେ 'ଅପରେସନ ସିନ୍ଦୂର' ଆରମ୍ଭ କରିଥିଲା । ଏହା ଅଧୀନରେ ପାକିସ୍ତାନ ଭିତରେ ୯ଟି ଆତଙ୍କବାଦୀ ଆଡ୍ଡା ଉପରେ ଏୟାରଷ୍ଟ୍ରାଇକ୍ କରାଯାଇଥିଲା । ଏଥିରେ ୫୦ରୁ ଅଧିକ ଆତଙ୍କୀ ନିହତ ହୋଇଥିବା ବେଳେ ୧୦ରୁ ଅଧିକ ଆତଙ୍କୀ ଠିକଣା ଧ୍ୱଂସ ହୋଇଯାଇଛି । ଏହାକୁ ନେଇ ବର୍ତ୍ତମାନ ୟୁପିରେ ରେଡ୍ ଆଲର୍ଟ ଘୋଷଣା କରାଯାଇଛି । ୟୁପି ଡିଜିପି କହିଛନ୍ତି, 'ଅପରେସନ ସିନ୍ଦୂର' ପରେ ଉତ୍ତର ପ୍ରଦେଶରେ ରେଡ୍ ଆଲର୍ଟ ଘୋଷଣା କରାଯାଇଛି । ଭାରତୀୟ ସେନା ଦ୍ୱାରା ପାକିସ୍ତାନରେ ଥିବା ଆତଙ୍କୀ ଠିକଣାଗୁଡ଼ିକ ଉପରେ ଲକ୍ଷ୍ୟଭେଦୀ ଆକ୍ରମଣ କରାଯାଇଛି । ପ୍ରତିରକ୍ଷା ୟୁନିଟଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରିବା ଏବଂ ମହତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷାକୁ ସୁଦ୍ ?ଢ଼ କରିବାକୁ ସମସ୍ତ କ୍ଷେତ୍ରର ପୋଲିସ ବାହିନୀକୁ ନିର୍ଦ୍ଦେଶ ଦିଆଯାଇଛି । ଉତ୍ତର ପ୍ରଦେଶ ପୋଲିସ ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସତର୍କ, ସୁସଜ୍ଜିତ ଏବଂ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହିଛି ।

## ଅର୍ଦ୍ଧ ସାମରିକ ବାହିନୀ ଯବାନଙ୍କ ଛୁଟି ବାତିଲ



ନୂଆଦିଲ୍ଲୀ: : ଅର୍ଦ୍ଧ ସାମରିକ ବାହିନୀ ଯବାନଙ୍କ ଛୁଟି ବାତିଲ କରାଯାଇଛି। ଯଦି କିଛି ପରିସ୍ଥିତି ଉତ୍ପନ୍ନ ହୁଏ ସାମ୍ନା ପାଇଁ ଛୁଟି ବାତିଲ କରାଯାଇଛି ବୋଲି ଗୃହ ମନ୍ତ୍ରୀ ଅମିତ ଶାହ ସୂଚନା ଦେଇଛନ୍ତି। ସିନ୍ଦୂର ଅପରେସନ୍ ଅନ୍ତର୍ଗତ ଭାରତର ରାତିସାରା ସୀମାପାର ଆକ୍ରମଣ ପରେ ଗୃହମନ୍ତ୍ରୀ ଅମିତ ଶାହ ସମସ୍ତ ଅର୍ଦ୍ଧସାମରିକ ବାହିନୀ ମୁଖ୍ୟଙ୍କୁ ବର୍ତ୍ତମାନ ଛୁଟିରେ ଥିବା ଯବାନମାନଙ୍କୁ ଫେରାଇ ଆଣିବା ସହ ସେମାନେ ତୁରନ୍ତ କାର୍ଯ୍ୟରେ ଯୋଗ ଦିଅନ୍ତୁ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ପାକିସ୍ତାନ ସୀମାରେ ଉତ୍ତେଜନା ବୃଦ୍ଧି ପାଇବା ମଧ୍ୟରେ ଏହି ପଦକ୍ଷେପ ପ୍ରସ୍ତୁତିର ଏକ ଉଚ୍ଚତର ସ୍ଥିତିକୁ ସୂଚିତ କରୁଛି। ବୁଧବାର ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ରେ ନଅଟି ଆତଙ୍କବାଦୀ ଶିବିର ଉପରେ ଭାରତର ଟାର୍ଗେଟେଡ୍ ମିସାଇଲ୍ ଆକ୍ରମଣ ପରେ ଏହି ନିର୍ଦ୍ଦେଶ ଦିଆଯାଇଛି। ସେନା, ବାୟୁସେନା ଏବଂ ନୌସେନା ଦ୍ୱାରା ମିଳିତ ଭାବରେ କାର୍ଯ୍ୟକାରୀ ହୋଇଥିବା ଏହି ସଠିକ୍ ଅଭିଯାନରେ ଜୈଶ-ଏ-ମହମ୍ମଦ (ଜେଇଏମ୍), ଲସ୍କର-ଏ-ତୈବା (ଏଲ୍‌ଇଟି) ଏବଂ ହିଜବୁଲ ମୁଜାହିଦ୍ଦିନର ଆତଙ୍କବାଦୀ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ କରାଯାଇଥିଲା – ଯେଉଁଥିରେ ବାହାବଲପୁରରେ ଜେଇଏମ୍ ?ର ଘାଟି ଏବଂ ମୁରିଦକେରେ ଏଲ୍‌ଇଟିର ମୁଖ୍ୟାଳୟ ଅନ୍ତର୍ଭୁକ୍ତ। ସମନ୍ୱିତ ଆକ୍ରମଣରେ ୮୦ ରୁ ଅଧିକ ଆତଙ୍କବାଦୀ ନିପାତ ହୋଇଥିଲେ, ଯାହାକୁ ସାମ୍ପ୍ରତିକ ବର୍ଷଗୁଡ଼ିକରେ ସବୁଠାରୁ ବ୍ୟାପକ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଭାବରେ ଦେଖାଯାଉଛି। ପାକିସ୍ତାନ ସରକାର ଏହି ଆକ୍ରମଣକୁ "ଯୁଦ୍ଧ କାର୍ଯ୍ୟ" ବୋଲି କହି ପ୍ରତିଶୋଧ ନେବାର ଚେତାବନୀ ଦେଇଛନ୍ତି। ଏହି ସମୟରେ, ଭାରତ ଏହାର ସେନାକୁ ଉଚ୍ଚ ସତର୍କତାରେ ରଖିଛି। ସୀମାବର୍ତ୍ତୀ ରାଜ୍ୟଗୁଡ଼ିକରେ ବିମାନବନ୍ଦରଗୁଡ଼ିକ ନଜରରେ ରହିଛି, ସାମରିକ ପ୍ରସ୍ତୁତି ବୃଦ୍ଧି ପାଇଛି।

## ପାଲଟା ଆକ୍ରମଣ କରିବ ପାକ୍ !

ଇସଲାମବାଦ/ନୂଆଦିଲ୍ଲୀ : ଭାରତୀୟ ସଶସ୍ତ୍ର ବାହିନୀର 'ଅପରେଶନ ସିନ୍ଦୂର' ଅଧୀନରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ନଅଟି ଆତଙ୍କବାଦୀ ଶିବିର ଉପରେ ମିସାଇଲ ମାଡ଼ ପରେ ପାକିସ୍ତାନ ତା'ର ଏୟାରସ୍ପେସ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି। କୁହାଯାଉଛି ପାକିସ୍ତାନ ପ୍ରତିଶୋଧ ନେବାକୁ ଆଜି ରାତିରେ ବଡ଼ ଯୋଜନା କରୁଛି। ଭାରତର ଏହି ଆକ୍ରମଣ ଏପ୍ରିଲ ୨୨ରେ ଜମ୍ମୁ ଓ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ଭାବେ କରାଯାଇଛି, ଯେଉଁଥିରେ ୨୬ ଜଣ ନାଗରିକଙ୍କ ମୃତ୍ୟୁ ହୋଇଥିଲା। ମଙ୍ଗଳବାର ମଧ୍ୟରାତ୍ରି ୧:୪୪ରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଭାରତୀୟ ସେନା, ନୌସେନା ଏବଂ ବାୟୁସେନା ମିଳିତ ଭାବେ ୨୪ଟି ମିସାଇଲ ନିକ୍ଷେପ କରି ବାହାଓ୍ୱାଲପୁର, ସିଆଲକୋଟ ଏବଂ ପୋକରେ ଥିବା ଲସ୍କର-ଏ-ତୈବା, ଜୈଶ-ଏ-ମହମ୍ମଦ ଓ ହିଜବୁଲ ମୁଜାହିଦ୍ଦୀନର ଶିବିରଗୁଡିକୁ ଧ୍ୱଂସ କରିଛି। ଏହି ଆକ୍ରମଣରେ ୭୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିବା ବେଳେ ୬୦ରୁ ଅଧିକ ଆହତ ହୋଇଛନ୍ତି। ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଏହି ଆକ୍ରମଣକୁ ନିନ୍ଦା କରି କହିଛନ୍ତି ଯେ ତାଙ୍କ ସଶସ୍ତ୍ର ବାହିନୀ ଏହାର 'ଉଚିତ ଜବାବ' ଦେବ। ପାକିସ୍ତାନ ଦାବି କରିଛି ଯେ ଏହି ଆକ୍ରମଣରେ ୨୬ ଜଣ ନାଗରିକ ନିହତ ଏବଂ ୪୬ ଜଣ ଆହତ ହୋଇଛନ୍ତି। ଜୈଶ-ଏ-ମହମ୍ମଦ ଦାବି କରିଛି ଯେ ବାହାଓ୍ୱାଲପୁର ଆକ୍ରମଣରେ ତାଙ୍କ ନେତା ମୌଲାନା ମସୁଦ ଆଜହାରଙ୍କ ପରିବାରର ୧୦ ଜଣ ସଦସ୍ୟ ଏବଂ ୪ ଜଣ ଘନିଷ୍ଠ ସହଯୋଗୀ ନିହତ ହୋଇଛନ୍ତି। ପାକିସ୍ତାନ ତା'ର ଏୟାରସ୍ପେସ ୪୮ ଘଣ୍ଟା ପାଇଁ ବନ୍ଦ କରିଦେଇଛି, ଯାହା ଫଳରେ ଏୟାର ଫ୍ରାନ୍ସ, ଲୁଫଥାନସା, ଏମିରେଟସ ଏବଂ କତାର ଏୟାରୱେଜ ଭଳି ଅନେକ ଆନ୍ତର୍ଜାତୀୟ ଏୟାରଲାଇନ୍ସ ପାକିସ୍ତାନ ଏୟାରସ୍ପେସ ଏଡାଇ ରୁଟ ବାଛୁଛନ୍ତି। ଭାରତ ମଧ୍ୟ ଉତ୍ତର ଭାରତର ୧୭ଟି ଏୟାରପୋର୍ଟ, ଯଥା ଶ୍ରୀନଗର, ଜାମ୍ମୁ, ଅମୃତସର ଏବଂ ଲେହ ଆଦିରେ ବେସାମରିକ ଉଡ଼ାଣ ବନ୍ଦ କରିଛି। ଭାରତୀୟ ବୈଦେଶିକ ସଚିବ ବିକ୍ରମ ମିଶ୍ରୀ କହିଛନ୍ତି ଯେ ଏହି ଆକ୍ରମଣ ପାକିସ୍ତାନ ଆଧାରିତ ଆତଙ୍କବାଦୀ ଗୋଷ୍ଠୀଗୁଡିକ ଦ୍ୱାରା ଆଗାମୀ ଆକ୍ରମଣର ଗୁପ୍ତଚର ସୂଚନା ଆଧାରରେ ଏକ ପୂର୍ବନିରୋଧୀ ପଦକ୍ଷେପ ଥିଲା। ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲ ଆମେରିକା ଏବଂ ଅନ୍ୟ ଦେଶର ଅଧିକାରୀମାନଙ୍କ ସହ ଆଲୋଚନା କରି ଏହି ଅଭିଯାନକୁ 'ସୀମିତ ଏବଂ ଅଣ-ଉତ୍ତେଜନାମୂଳକ' ବୋଲି ବର୍ଣ୍ଣନା କରିଛନ୍ତି। ଅନ୍ତର୍ଜାତୀୟ ସମୁଦାୟରେ ଏହି ଘଟଣାକୁ ନେଇ ମିଶ୍ରିତ ପ୍ରତିକ୍ରିୟା ଦେଖାଦେଇଛି। ଆମେରିକା, ରୁଷିଆ ଏବଂ ଫ୍ରାନ୍ସ ଉଭୟ ଦେଶକୁ ସଂଯମ ଅବଲମ୍ବନ କରିବାକୁ ଆହ୍ୱାନ କରିଛନ୍ତି, ଯେତେବେଳେ କେତେକ ଦେଶ ଭାରତର ଆତ୍ମରକ୍ଷା ଅଧିକାରକୁ ସମର୍ଥନ କରିଛନ୍ତି। ପାକିସ୍ତାନୀ ଗଣମାଧ୍ୟମ ଏବଂ ସରକାରୀ ସୂତ୍ରରୁ ଅନେକ ଭିତ୍ତିହୀନ ଦାବି ସାମ୍ନାକୁ ଆସିଛି, ଯେପରି ପାକିସ୍ତାନ ଭାରତରେ ୧୫ଟି ସ୍ଥାନରେ ମିସାଇଲ ଆକ୍ରମଣ କରିଛି ବୋଲି କୁହାଯାଉଛି। ଭାରତ ଏହାକୁ 'ମିଥ୍ୟା ପ୍ରଚାର' ବୋଲି ଖଣ୍ଡନ କରିଛି।

# ଅପରେସନ ସିନ୍ଦୂର: ୫ ରାଷ୍ଟ୍ରଙ୍କୁ ଅବଗତ କଲା ଭାରତ



ନୂଆଦିଲ୍ଲୀ: ଭାରତର ଅପରେସନ ସିନ୍ଦୂର । ପାକିସ୍ତାନରେ ଆତଙ୍କୀ ଆଡ୍ଡାରେ ହମଲା ପରେ ୫ ରାଷ୍ଟ୍ରଙ୍କୁ ଅବଗତ କରାଇଲା ଭାରତ । ଆମେରିକା, ବ୍ରିଟେନ, ସାଉଦିଆରବ, ୟୁଏଇ, ରୁଷକୁ ଅବଗତ କରାଯାଇଛି । ଏହି ୫ଟି ରାଷ୍ଟ୍ରର ନେତା ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଗତ ଦୁଇ ସପ୍ତାହ ଧରି ଯୋଗାଯୋଗରେ ଅଛନ୍ତି । ମେ ୬ ଓ ୭ ତାରିଖ ରାତିରେ ପାକିସ୍ତାନର ପଞ୍ଜାବ ପ୍ରଦେଶ ଓ ପାକ ଅଧିକୃତ କାଶ୍ମୀରରେ ଆତତଙ୍କବାଦୀଙ୍କ ଆଡ୍ଡାକୁ ଟାର୍ଗେଟ କରାଯାଇଥିଲା । ଭାରତର ଆକ୍ରନ ନିର୍ଦ୍ଦିଷ୍ଟ ଥିଲା ।ଏଥିରେ ପାକିସ୍ତାନର ସାଧାରଣ ନାଗରିକ, ଅର୍ଥନୈତିକ କିମ୍ବା ସାମରିକ ସଂସ୍ଥାକୁ ହିଟ କରାଯାଇନାହିଁ । କେବଳ ଆତଙ୍କବାଦୀଙ୍କ ଆଡ୍ଡାକୁ ଧ୍ୱଂସ କରାଯାଇଛି । ସୂଚନାନୁଯାୟୀ, ଭାରତ ବୁଧବାର ଅର୍ଥାତ୍ ଆଜି ଆମେରିକା, ରଷ୍, ୟୁକେ ଏବଂ ସାଉଦି ଆରବ ସହିତ ଅନ୍ୟାନ୍ୟ ଦେଶକୁ ପୋଗାଯୋଗ କରାଯାଇଛି । ଦେଶମାନଙ୍କୁ ଅପରେସନ ସିନ୍ଦୂର ଆକ୍ରମଣ ସମ୍ପର୍କରେ ସୂଚନା ଦେଇଛି । ଏହି ସବୁ ଦେଶ ବିକାଶ ସମ୍ପର୍କରେ ଅବଗତ କରିଛନ୍ତି । ଯାହା ପରେ ଡୋନାଲ୍ଡ ଟ୍ରମ୍ପ୍ ପ୍ରତିକ୍ରିୟା ରଖିବାକୁ ଯାଇ ଏକ ପ୍ରେସମିଟର ଆୟୋଜନ କରିଛନ୍ତି । ଯେଉଁଥିରେ ସେ କହିଛନ୍ତି ଯେ, "ଦେଶ ଜାଣିଛି କିଛି ଘଟିବାକୁ ଯାଉଛି ଏବଂ ଏହା ବହୁତ ଶୀଘ୍ର ଶେଷ ହେବ"। ଅନ୍ୟପଟେ ୱାଶିଂଟନରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ବୈଦେଶିକ ମନ୍ତ୍ରାଳୟ ସୂଚନା ଆଧାରରେ ବିବୃତି ଜାରି ହୋଇଛି । ଆତଙ୍କବାଦୀ ଓ ଏହାର ଭିତ୍ତିଭୂମି ଉପରେ ପାକିସ୍ତାନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଭାରତ ଆଶା ରଖିଛି । ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ସହ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଆଲୋଚନା କରିଛନ୍ତି । ଭାରତର ଅପରେସନ ସଂପର୍କରେ ତାଙ୍କୁ ଅବଗତ କରାଇଛନ୍ତି । ପରିସ୍ଥିତିର ସେ ମନିଟରିଂ କରୁଛନ୍ତି ବୋଲି ମାର୍କୋ ରୁବିଓ କହିଛନ୍ତି । ଏହାରି ମଧ୍ୟରେ ପାକିସ୍ତାନ ମଧ୍ୟ ତା'ର ପ୍ରତିକ୍ରିୟା ରଖିଛି । ଆକ୍ରମଣ ପରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ କହିଛନ୍ତି ଯେ, ଏହାର ଉଚିତ୍ ଜବାବ ଦେବାର ଅଧିକାର ମଧ୍ୟ ପାକିସ୍ତାନର ରହିଛି । ପାକିସ୍ତାନ ଦାବି କରିଛି ଯେ, ଭାରତ ରାଫେଲ ବିମାନ, ୧ଏସୟୁ-୩୦ ଏବଂ ୧ମିଗ-୨୯କୁ ଖସାଇ ଦେଇଛି । କିନ୍ତୁ ଏ ବାବଦରେ ଭାରତୀୟ ସେନାଙ୍କ ପକ୍ଷରୁ କୌଣସି ସୂଚନା ମିଳିନାହିଁ ।

# ଟେଷ୍ଟକୁ ଅଲବିଦା କହିଲେ ରୋହିତ

ନୂଆଦିଲ୍ଲୀ,୭।୫: ଆଇପିଏଲ୍ ୨୦୨୫ ଭିତରେ ଟେଷ୍ଟ କ୍ରିକେଟରୁ ଅବସର ନେଇଛନ୍ତି ରୋହିତ ଶର୍ମା। ଭାରତୀୟ ଟିମର ଇଂଲଣ୍ଡ ଗସ୍ତ ପୂର୍ବରୁ ଟେଷ୍ଟ କ୍ରିକେଟରୁ ସନ୍ନ୍ୟାସ ନେଇ ରୋହିତ ଘୋଷଣା କରିଛନ୍ତି। ତେବେ ସେ ଭାରତର ଦିନିକିଅ। କ୍ରିକେଟର ଅଧିନାୟକ ହୋଇ ରହିବେ। ଟେଷ୍ଟ ଅଧିନାୟକ ପଦରୁ ବହିଷ୍କାର କରାଯିବାର ରିପୋର୍ଟ ଭାଇରାଲ୍ ହେବାର କିଛି ମିନିଟ୍ ପରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ତୁରନ୍ତ ପ୍ରଭାବରୁ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ।

୩୮ ବର୍ଷୀୟ ରୋହିତ ୬୭ ଟେଷ୍ଟରେ ୪୦.୫୭ ହାରରେ ୪୩୦୧ ରନ କରିଛନ୍ତି। ତାଙ୍କ ଟେଷ୍ଟ କ୍ୟାରିୟରରେ ୧୨ ଶତକ ଏବଂ ୧୮ ଅର୍ଦ୍ଧଶତକ ସାମିଲ ରହିଛି । ବର୍ତ୍ତମାନ ସମୟରେ ସେ ଭାରତ ଟେଷ୍ଟ ଓ ଦିନିକିଅ। ଟିମର ଅଧିନାୟକ ମଧ୍ୟ ଥିଲେ ଗତ ବର୍ଷ ଟି-୨୦ ବିଶ୍ୱକପ୍ ଜିତିବା ପରେ ରୋହିତ ହ୍ୱାଇଟ୍ ବଲ୍ ଛୋଟିଅ। ଫର୍ମାଟରୁ ସନ୍ନ୍ୟାସ ଘୋଷଣା କରିଥିଲେ।



ରୋହିତ ନିଜ ବୟାନ କହିଛନ୍ତି, 'ଆପଣ ସମସ୍ତଙ୍କୁ ସୂଚିତ କରାଉଛି ଯେ ମୁଁ ଟେଷ୍ଟ କ୍ରିକେଟରୁ ଅବସର ନେଉଛି ଧଳା ଜର୍ସି ଫର୍ମାଟରେ ନିଜ ଦେଶକୁ ପ୍ରତିନିଧି କରିବା ମୋ ପାଇଁ ଅତ୍ୟନ୍ତ ସମ୍ମାନର ବିଷୟ ଏହି ସମୟରେ ଆପଣଙ୍କ ସମସ୍ତଙ୍କଠାରୁ ଯେଉଁ ଭଲ ପାଇବା ଓ ସମର୍ଥନ ମିଳିଛି, ସେଥିପାଇଁ ଧନ୍ୟବାଦ ' ଏହାସହ ଦିନିକିଅ। ଫର୍ମାଟରେ ଭାରତ ପାଇଁ ଖେଳିବା ଜାରି ରଖିବେ ବୋଲି ସେ ସ୍ପଷ୍ଟ କରିଛନ୍ତି ଉଲ୍ଲେଖଯୋଗ୍ୟ ଯେ ରୋହିତଙ୍କ କ୍ୟାପ୍ଟେନ୍ସିରେ ଭାରତ ଚଳିତ ବର୍ଷ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା ଏହା ପୂର୍ବରୁ ୨୦୨୪ରେ ତାଙ୍କ ନେତୃତ୍ୱରେ ଟି-୨୦ ବିଶ୍ୱକପ୍ ମଧ୍ୟ ଜିତିଥିଲା। ଏହା ପୂର୍ବରୁ ୨୦୨୩ରେ ରୋତିଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ। ଦିନିକିଅ। ବିଶ୍ୱକପ ଫାଇନାଲ୍ ଖେଳିଥିଲା।

ବିସିସିଆଇର ବରିଷ୍ଠ ଚୟନ କମିଟି ଆଗାମୀ ଇଂଲଣ୍ଡ ଗସ୍ତ ପାଇଁ ରୋହିତ ଶର୍ମାଙ୍କୁ ଭାରତର ଟେଷ୍ଟ ଅଧିନାୟକ ପଦରୁ ବହିଷ୍କାର କରିବାକୁ ନିଷ୍ପତ୍ତି ନେଇଛି ବୋଲି ଇଣ୍ଡିଆନ ଏକ୍ସପ୍ରେସ ରିପୋର୍ଟ କରିଥିଲା। ଭାରତର ଦିନିକିଅ। ଟିମର ଅଧିନାୟକ ଭାବରେ ରୋହିତଙ୍କ ରହିବାର ସମ୍ଭାବନା ରହିଛି। ଜଣେ ବିଶେଷଜ୍ଞ ବ୍ୟାଟର ଭାବେ ଦଳରେ ସାମିଲ ହୋଇ ଇଂଲଣ୍ଡ ଯାତ୍ରା କରିପାରନ୍ତି, କିନ୍ତୁ ଚୟନକର୍ତ୍ତା ତାଙ୍କର ଲାଲ-ବଲ୍ ଫର୍ମକୁ ଆଧାର କରି ତାଙ୍କୁ ଅଧିନାୟକ ଭାବରେ ରଖିବାକୁ ରାଜି ନଥିଲେ ରୋହିତଙ୍କ କ୍ୟାପ୍ଟେନ୍ସିରେ ଘରୋଇ ମାଟିରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଏବଂ ଅଷ୍ଟ୍ରେଲିଅ। ବିପକ୍ଷରେ ଭାରତ ଶେଷ ଛଅଟି ଟେଷ୍ଟରୁ ପାଞ୍ଚଟି ହାରିଥିଲା। ଟେଷ୍ଟ କ୍ରିକେଟରେ ଖରାପ ଫର୍ମ ଯୋଗୁଁ ସିଡନୀରେ ଶେଷ ଟେଷ୍ଟରେ ରୋହିତ ନିଜକୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିନଥିଲେ।

ରୋହିତ ଶର୍ମାଙ୍କ ଟେଷ୍ଟ ଡେବ୍ୟୁକୁ ନେଇ ଏକ ମଜାଦାର କାହାଣୀ ମଧ୍ୟ ରହିଛି ସେ ୨୦୧୦ରେ ନାଗପୁର ଟେଷ୍ଟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଡେବ୍ୟୁ କରିଥାନ୍ତେ। କିନ୍ତୁ ଟସ୍ ପୂର୍ବରୁ ସେ ଆହତ ହୋଇଗଲେ। ପରେ ଧଳା ଜର୍ସିରେ ଖେଳିବାର ସୁଯୋଗ ତିନି ବର୍ଷ ପରେ ମିଳିଲା। ୨୦୧୩ରେ ୱେଷ୍ଟ ଇଣ୍ଡିଜ ବିପକ୍ଷରେ କୋଲକାତାରେ ଡେବ୍ୟୁ କରିଥିଲେ। ରୋହିତ ଶର୍ମା ଶତକ ସହ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ ପ୍ରଥମ ମ୍ୟାଚରେ ହିଁ ୧୭୭ ରନ୍ କରିଥିଲେ।

## ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)

### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୧ | ୦୮ | ୦୩ | ୧୬ |
| ଗୁଜରାଟ ଟାଇଟନ୍ସ | ୧୧ | ୦୮ | ୦୩ | ୧୬ |
| ପଞ୍ଜାବ କିଙ୍ଗସ | ୧୧ | ୦୭ | ୦୩ | ୧୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୦୭ | ୦୫ | ୧୪ |
| ଦିଲ୍ଲୀ କ୍ୟାପିଟାଲ୍ | ୧୧ | ୦୬ | ୦୪ | ୧୩ |
| କୋଲକାତା ନାଇଟ୍ ରାଇଡର୍ସ | ୧୨ | ୦୫ | ୦୬ | ୧୧ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୧୧ | ୦୫ | ୦୬ | ୧୦ |
| ସନରାଇଜର୍ସ ହାଇଦ୍ରାବାଦ | ୧୧ | ୦୩ | ୦୭ | ୦୭ |
| ରାଜସ୍ଥାନ ରୟାଲ୍ସ | ୧୨ | ୦୩ | ୦୯ | ୦୬ |
| ଚେନ୍ନାଇ ସୁପର କିଙ୍ଗସ | ୧୨ | ୦୩ | ୦୯ | ୦୬ |

## ଉତ୍ତେଜନାକୁ ନେଇ ଇଂଲଣ୍ଡ କ୍ରିକେଟର ସାମ ବିଲିଙ୍ଗସ୍‌ଙ୍କ ଟ୍ୱିଟ

ମୁମ୍ବାଇ,୭।୫: ଭାରତ-ପାକ୍ ଉତେଜନାକୁ ନେଇ ସାମ ବିଲିଙ୍ଗ ସୋସିଆଲ ମିଡ଼ିଆ। ପୋଷ୍ଟ ସେୟାର କରି ଲେଖିଛନ୍ତି କି, ମୁଁ ପ୍ରାର୍ଥନା କରୁଛି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଯଥାଶୀଘ୍ର ହ୍ରାସ ପାଉ। ଇଂଲଣ୍ଡ ଖେଳାଳୀ ସାମ ବିଲିଙ୍ଗ୍ସଙ୍କ ଏହି ପୋଷ୍ଟ ସୋସିଆଲ ମିଡ଼ିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି ।ପ୍ରକାଶ ଯେ, ଇଂଲଣ୍ଡ ଖେଳାଳୀ ସାମ ବିଲିଙ୍ଗ୍। ଏହି ସମୟରେ ପାକିସ୍ତାନ ସୁପର ଲିଗରେ ଲାହୋର କଲନ୍ଦର୍ସ ଟିମର ଭାଗିଦାରୀ ଅଟନ୍ତି।

# ଆଇପିଏଲ୍ ଉପରେ ପଡ଼ିପାରେ ପ୍ରଭାବ




ନୂଆଦିଲ୍ଲୀ, ୭।୫: ଭାରତ ଓ ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ନିର୍ଦ୍ଧାରିତ ସୂଚୀ ଅନୁସାରେ ଜାରି ରହିବ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ଜଣେ ଶୀର୍ଷ ସୂତ୍ର କହିଛନ୍ତି ଯେ ବର୍ତ୍ତମାନ ଆଇପିଏଲ ସୂଚୀରେ କୌଣସି ପରିବର୍ତ୍ତନ ହୋଇନାହିଁ, ଯଦିଓ ବୋର୍ଡ ପରିସ୍ଥିତି ଉପରେ ନଜର ରଖିଛି ।ଆଇପିଏଲ ୨୦୨୫ ଋତୁରେ ମୋଟ ୭୪ଟି ମ୍ୟାଚ ମଧ୍ୟରୁ ୫୬ଟି ମ୍ୟାଚ ଖେଳାଯାଇ ସାରିଛି, ଏବଂ ପ୍ଲେ-ଅଫରେ ପହଞ୍ଚିବା ପାଇଁ ପ୍ରତିଯୋଗିତା ଜୋରଦାର ହେଉଛି ୨୨ ମେରେ ଆରମ୍ଭ ହୋଇଥିବା ଆଇପିଏଲ, ୨୨ ଏପ୍ରିଲରେ ଜମ୍ମୁ ଓ କାଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ ୨୬ ଜଣ ପର୍ଯ୍ୟଟକଙ୍କୁ ହତ୍ୟା କରିଥିବା ସତ୍ତ୍ୱେ ଜାରି ରହିଛି ।

ଜଣେ ଶୀର୍ଷ ବିସିସିଆଇ ସୂତ୍ର କହିଛନ୍ତି, ବିସିସିଆଇ ପରିସ୍ଥିତି ଉପରେ ନଜର ରଖିଛି ଏବଂ ପରିସ୍ଥିତି ଅନୁସାରେ ନିଷ୍ପତ୍ତି ନିଆଯିବ ବର୍ତ୍ତମାନ ପାଇଁ, ଆଇପିଏଲ ନିର୍ଦ୍ଧାରିତ ସୂଚୀ ଅନୁସାରେ ଚାଲିବ। ଆଇପିଏଲ ଅଧ୍ୟକ୍ଷ ଅରୁଣ ଧୁମାଲ ମଙ୍ଗଳବାର କହିଛନ୍ତି ଯେ ବିସିସିଆଇ ସରକାରୀ ନିର୍ଦ୍ଦେଶାବଳୀ ପାଳନ କରିବ ଏବଂ ଆବଶ୍ୟକ ହେଲେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ।

ଆଇପିଏଲର ଆକସ୍ମିକ ବ୍ୟବସ୍ଥା ସମ୍ପର୍କରେ ପଚରାଯିବାରୁ ସେ କହିଛନ୍ତି, ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ପରିସ୍ଥିତି ଉପରେ ନଜର ରଖିଛି ଅନେକ ଜଳ୍ପନାକଳ୍ପନା ଚାଲିଛି; ଆମେ ତାହା ସମ୍ପର୍କରେ କିଛି କରିପାରିବୁ ନାହିଁ କିନ୍ତୁ ଯେତେବେଳେ ଦେଶର ସ୍ୱାର୍ଥରେ କିଛି କରିବାର ଆବଶ୍ୟକତା ଅନୁଭୂତ ହେବ, ତେବେ ବିସିସିଆଇ ସରକାର ଏବଂ ରାଷ୍ଟ୍ର ସହ ଏକହୋଇ ଠିଆ ହେବ।

ଉଲ୍ଲେଖଯୋଗ୍ୟ ଯେ, ବିଶିଷ୍ଟ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର ମଙ୍ଗଳବାର କହିଛନ୍ତି ଯେ ସେ କୌଣସି ବିଦେଶୀ ଖେଳାଳୀ କିମ୍ବା ଧାରାବିବରଣୀକାରଙ୍କଠାରୁ ଭାରତରେ ସୁରକ୍ଷା ସମ୍ପର୍କରେ ଚିନ୍ତା ପ୍ରକାଶ କରାଯାଇଥିବା କଥା ଶୁଣିନାହାନ୍ତି, ଏବଂ ସେ ଆତ୍ମବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ ଆଇପିଏଲ ନିର୍ଦ୍ଧାରିତ ସୂଚୀ ଅନୁସାରେ ଜାରି ରହିବ।

ସେ କହିଛନ୍ତି, ନା, ମୁଁ ତାହା ଭାବୁନାହିଁ ମୁଁ ଭାବୁଛି ଭାରତରେ ସମସ୍ତେ ନିଜକୁ ବେଶ ନିରାପଦ ଏବଂ ସୁରକ୍ଷିତ ଅନୁଭବ କରୁଛନ୍ତି ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ ଆମେ ଆମ ସଶସ୍ତ୍ର ବାହିନୀ ଉପରେ ଅତ୍ୟନ୍ତ ବିଶ୍ୱାସ ରଖୁଛୁ ଆମେ ସେମାନଙ୍କ ପ୍ରତି ଅପାର ସ୍ନେହ ଏବଂ ମମତା ରଖୁଛୁ; ଆମେ ଏତେ ବର୍ଷ ଧରି ଶାନ୍ତିରେ ଜୀବନଯାପନ କରିଆସୁଛୁ ଆମେ ସେମାନଙ୍କ ଉପରେ ଅତ୍ୟନ୍ତ ଆସ୍ଥା, ବିଶ୍ୱାସ ଏବଂ ଭରସା ରଖୁଛୁ। ମୁଁ ଭାବୁଛି କୌଣସି ବିଦେଶୀ ଖେଳାଳୀ ଅସୁରକ୍ଷିତ ଅନୁଭବ କରୁନାହାନ୍ତି କେହି ମୋ ପାଖରେ ଏପରି କିଛି କହିନାହାନ୍ତି ।ଚେନ୍ନାଇ ସୁପର କିଙ୍ଗସ ବୁଧବାର, ମେ ୭ ତାରିଖରେ ଇଡେନ ଗାର୍ଡେନ୍ସରେ ୫୭ତମ ଆଇପିଏଲ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସଙ୍କ ସହ ମୁକାବିଲା କରିବ।

# ଧର୍ମଶାଳାରୁ ମୁମ୍ବାଇକୁ ସ୍ଥାନାନ୍ତରଣ ହେଲା ଆଇପିଏଲ ମ୍ୟାଚ୍





ମୁମ୍ବାଇ,୭।୫: ଇଣ୍ଡିଆନ ପ୍ରିମିୟର ଲିଗ ୨୦୨୫ (ଆଇପିଏଲ ୨୦୨୫)ର ପଞ୍ଜାବ କିଙ୍ଗସ (ପିବିକେଏସ) ବନାମ ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ) ମ୍ୟାଚ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ ଷ୍ଟାଡିୟମ, ଧର୍ମଶାଳାରୁ ସ୍ଥାନାନ୍ତର ହେବାର ସମ୍ଭାବନା ରହିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଧର୍ମଶାଳା ବିମାନବନ୍ଦର ବନ୍ଦ ହେବା ଯୋଗୁଁ ଉଭୟ ଦଳର ଯାତ୍ରା ବ୍ୟବସ୍ଥା ଉପରେ ପ୍ରଭାବ ପଡ଼ିବ।

ଭାରତର ଅପରେସନ ସିନ୍ଦୁର ସାମରିକ ଅଭିଯାନ, ଯାହା ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲା, ପରେ ଉତ୍ତର-ପଶ୍ଚିମ ଭାରତର ଅନେକ ବିମାନବନ୍ଦରରେ ଉଡ଼ାଣ କାର୍ଯ୍ୟକ୍ଷମତା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରହିଛି। ତେଣୁ, ମେ ୧୧, ରବିବାର ଖେଳାଯିବାକୁ ଥିବା ଆଇପିଏଲ ୨୦୨୫ର ୬୧ ନମ୍ବର ମ୍ୟାଚ ପାଇଁ ଏମଆଇ ଏବଂ ପିବିକେଏସର ଯାତ୍ରା ବ୍ୟବସ୍ଥା ଉପରେ ବ୍ୟାପକ ପ୍ରଭାବ ପଡ଼ିଛି।

ରିପୋର୍ଟ ଅନୁଯାୟୀ ଏହି ମ୍ୟାଚର ସ୍ଥାନ ଧର୍ମଶାଳାରୁ ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମକୁ ସ୍ଥାନାନ୍ତର କରିବା ନେଇ ଆଲୋଚନା ଚାଲିଛି। ଏହା ପୂର୍ବରୁ ରିପୋର୍ଟ ଆସିଥିଲ ଯେ ମୁମ୍ବାଇ ଇଣ୍ଡିଆନ୍ସ, ମେ ୮ ସୁଦ୍ଧା ଧର୍ମଶାଳାରେ ପହଞ୍ଚିବାର କାର୍ଯ୍ୟକ୍ରମ ଥିଲା, ସେମାନେ ବିକଳ୍ପ ଯାତ୍ରା ବ୍ୟବସ୍ଥା ଖୋଜୁଛନ୍ତି। ଧର୍ମଶାଳା ଏବଂ ଚଣ୍ଡିଗଡ଼ ବିମାନବନ୍ଦର ବନ୍ଦ ଥିବାରୁ, ଦଳଟି ଦିଲ୍ଲୀକୁ ଉଡ଼ାଣ କରି ରାସ୍ତା ମାର୍ଗରେ ଯାତ୍ରା ସମ୍ପୂର୍ଣ୍ଣ କରିପାରେ, ଯଦିଓ ଏକ ଆଧିକାରିକ ଅପଡେଟର ଅପେକ୍ଷା ରହିଛି।

ତେବେ ଅପରେସନ ସିନ୍ଦୁର ପରେ ଆଞ୍ଚଳିକ ଯାତାୟାତ ବାଧା ସତ୍ତ୍ୱେ, ମେ ୮ ତାରିଖରେ ନିର୍ଦ୍ଧାରିତ ଦିଲ୍ଲୀ କ୍ୟାପିଟାଲ୍ସ ବନାମ ପଞ୍ଜାବ କିଙ୍ଗସ ମ୍ୟାଚ ଯୋଜନା ଅନୁସାରେ ଆଗେଇ ଚାଲିବ। କାରଣ ଦିଲ୍ଲୀ ସ୍ଥାନୀୟ ବିମାନବନ୍ଦର ବନ୍ଦ ହେବା ପୂର୍ବରୁ ଧର୍ମଶାଳାରେ ପହଞ୍ଚି ସାରିଥିଲା।

ତଥାପି, ଉତ୍ତର-ପଶ୍ଚିମ ଭାରତର ବିମାନବନ୍ଦରଗୁଡ଼ିକ ବନ୍ଦ ରହିଥିବାରୁ, ଦିଲ୍ଲୀ କ୍ୟାପିଟାଲ୍ସ ମେ ୧୧ ତାରିଖରେ ଗୁଜରାଟ ଟାଇଟାନ୍ସ ବିରୁଦ୍ଧରେ ଖେଳିବା ପାଇଁ ଧର୍ମଶାଳାରୁ ନୂଆଦିଲ୍ଲୀକୁ ରାସ୍ତା ମାର୍ଗରେ ଯାତ୍ରା କରିବାକୁ ଆଶା କରାଯାଉଛି। ଭାରତ ଓ ପାକିସ୍ତାନ ମଧ୍ୟରେ ବ୍ୟାପକ ଉତ୍ତେଜନା ସତ୍ତ୍ୱେ, ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ଜଣେ ଶୀର୍ଷ ସୂତ୍ର ଇଣ୍ଡିଆ ଟୁଡେକୁ ନିଶ୍ଚିତ କରିଛି ଯେ ଆଇପିଏଲ ୨୦୨୫ ନିର୍ଦ୍ଧାରିତ ସୂଚୀ ଅନୁସାରେ ଚାଲିବ।

# ଅପରେସନ୍ ସିନ୍ଦୂରକୁ ସଚିନ୍, ଇର୍ଫାନ ଓ ଗମ୍ଭୀରଙ୍କ ସମର୍ଥନ

ନୂଆଦିଲ୍ଲୀ: ଅପରେସନ୍ ସିନ୍ଦୂର ନାମରେ କରାଯାଇଥିବା ଏହି ଅପରେସନ୍ ଉପରେ ପ୍ରତିକ୍ରିୟା ଦେଇଛନ୍ତି ଭାରତର ମହାନ କ୍ରିକେଟର ସଚିନ୍ ତେନ୍ଦୁଲକର। ପୋଷ୍ଟଟି ସେୟାର କରି ସଚିନ ଭାରତୀୟ ସେନା ପ୍ରତି ନିଜର ଗର୍ବ ପ୍ରକାଶ କରିଛନ୍ତି।

କ୍ରିକେଟର ଭଗବାନ ଭାବରେ ପ୍ରସିଦ୍ଧ ସଚିନ



ତେନ୍ଦୁଲକର ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି, ଏକତାରେ ନିର୍ଭୟତା ଶକ୍ତି ଅସୀମ ଭାରତର ଢାଲ ହେଉଛି ଏହାର ଲୋକମାନେ ଏହି ବିଶ୍ୱରେ ଆତଙ୍କବାଦର କୌଣସି ସ୍ଥାନ ନାହିଁ ଆମେ ଏକ ଦଳ।ସଚିନଙ୍କ ବ୍ୟତୀତ ଅନ୍ୟ କ୍ରିକେଟରମାନେ ମଧ୍ୟ ଭାରତୀୟ ସେନାକୁ ସଲାମ କରିଛନ୍ତି। ବିରେନ୍ଦ୍ର ସେହ୍ୱାଗ ଏହାକୁ ପ୍ରଶଂସା କରିଛନ୍ତି। ଇରଫାନ ପଠାନ ପୋଷ୍ଟଟି ସେୟାର କରି ଭାରତୀୟ ସେନାର ପ୍ରଶଂସା କରିଛନ୍ତି ।ଇରଫାନ ତାଙ୍କ ପୋଷ୍ଟରେ ଜୟ ହିନ୍ଦ ଲେଖି ଭାରତୀୟ ସେନାର ଆତ୍ମାକୁ ସଲାମ କରିଛନ୍ତି। ସେହି ସମୟରେ, ଭାରତୀୟ ଦଳର ପ୍ରଶିକ୍ଷକ ଗୌତମ ଗମ୍ଭୀର ମଧ୍ୟ କହିଛନ୍ତି ଯେ ଏବେ ଭାରତ ଏବଂ ପାକିସ୍ତାନ ମଧ୍ୟରେ କୌଣସି ମ୍ୟାଚ୍ ହୋଇପାରିବ ନାହିଁ। ଗମ୍ଭୀର ସ୍ୱୀକାର କରିଛନ୍ତି ଯେ ପାକିସ୍ତାନ ସହିତ ସମସ୍ତ କ୍ରିକେଟ୍ ସମ୍ପର୍କ ଏବେ ଶେଷ ହେବା ଉଚିତ ।

# ବିହାର ଛାଡ଼ିବେ ବୈଭବ !

ନୂଆଦିଲ୍ଲୀ,୭।୫(ଏଜେନ୍ସି): ବୈଭବ ସୂର୍ଯ୍ୟବଂଶୀ ରାତାରାତି ପାଲଟିଛନ୍ତି ଷ୍ଟାର । ବର୍ତ୍ତମାନ ତାଙ୍କ ବ୍ୟାଟିଂ ପାଇଁ ସାରା ବିଶ୍ୱରେ ଚର୍ଚ୍ଚିତ। ସେ ମାତ୍ର ୩୫ ବଲ୍‌ରେ ଶତକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଇପିଏଲରେ ସେଞ୍ଚୁରୀ କରିବା ପରେ ସାରା ଦେଶରେ ଦେଖିବାକୁ ମିଳିଥିଲା ତାଙ୍କର ପ୍ରଶଂସା ସବୁଠାରୁ ଅଧିକ ଖୁସି ଥିଲେ ଜନ୍ମସ୍ଥାନ ବିହାରର ଲୋକେ ତଥାପି, ଏବେ ଖବର



ଆସୁଛି ଯେ ସେ ଛାଡିପାରନ୍ତି ବିହାର।

ବିହାରରୁ ଖେଳୁଥିବା ବୈଭବ ୫ଟି ପ୍ରଥମ ଶ୍ରେଣୀ ଏବଂ ୬ଟି ଲିଷ୍ଟ ଏ ମ୍ୟାଚ୍ ଖେଳିଛନ୍ତି ।ଏଥିରେ ସେ ଯଥାକ୍ରମେ ୧୦୦ ଏବଂ ୧୩୨ ରନ୍ କରିଥିଲେ। କମ୍ ବୟସ ହେତୁ ଚର୍ଚ୍ଚାରେ ଆସିଥିବା ବୈଭବ ସୂର୍ଯ୍ୟବଂଶୀ ଏବେ ତାଙ୍କର ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା । ହେଲେ ଏବେ ଶୁଣିବାକୁ ମିଳିଛି କି, ସେ କୁଆଡେ ବିହାର ଛାଡିପାରନ୍ତି ।

ଆପଣଙ୍କୁ କହି ରଖୁଛୁ ଯେ ବୈଭବ ସୂର୍ଯ୍ୟବଂଶୀଙ୍କ ପକ୍ଷରୁ ବିହାର ଛାଡିବା ସମ୍ପର୍କରେ କୌଣସି ସରକାରୀ ବୟାନ ଆସିନାହିଁ। କିନ୍ତୁ ଏହି ଖବର ଆଲୋଚନା ହେଉଛି ।କାରଣ ତାଙ୍କୁ ବଙ୍ଗଳା କ୍ରିକେଟ ବୋର୍ଡ ପକ୍ଷରୁ ଏକ ପ୍ରସ୍ତାବ ମିଳିଛି। କ୍ରିକେଟ ଆସୋସିଏସନ ଅଫ୍ ବେଙ୍ଗଲ କହିଛି ଯେ ଯଦି ବୈଭବ ସୂର୍ଯ୍ୟବଂଶୀ ବିହାର ବଦଳରେ ବଙ୍ଗଳାରୁ ଖେଳନ୍ତି, ତେବେ ଭାରତୀୟ ଚୟନକର୍ତ୍ତାମାନେ ତାଙ୍କ ଉପରେ କଡ଼ା ନଜର ରଖିବେ। ତାପରେ ତାଙ୍କ ପାଇଁ ଟିମ୍ ଇଣ୍ଡିଆରେ ପହଞ୍ଚିବା ସହଜ ହୋଇପାରେ।

ବୈଭବ ସୂର୍ଯ୍ୟବଂଶୀ ବିହାର ଛାଡି ବଙ୍ଗଳା ପାଇଁ ଖେଳିବେ କି ନାହିଁ ? ହଁ, ଏହା କିଛି ଦିନ ମଧ୍ୟରେ ଜଣାପଡିବ। କିନ୍ତୁ ଯଦି ସେ ଏହା କରନ୍ତି ତେବେ ସେ ପ୍ରଥମ ଖେଳାଳି ହେବେ ନାହିଁ ଯିଏ ବିହାର ଛାଡି ଅନ୍ୟ ବୋର୍ଡରୁ ଖେଳିବେ। ଆପଣଙ୍କୁ କହି ରଖୁଛୁ ଯେ ଇଶାନ କିଶନ ମଧ୍ୟ ଝାଡ଼ଖଣ୍ଡରୁ ଖେଳିବାକୁ ଯାଇଥିଲେ। ମୁକେଶ କୁମାର ଏବଂ ଆକାଶଦୀପ ମଧ୍ୟ ବିହାର ଛାଡି ବଙ୍ଗଳାରୁ ଖେଳିଥିଲେ। ସାବା କରିମ ମଧ୍ୟ ବଙ୍ଗଳାରୁ କ୍ରିକେଟ ଖେଳି ଟିମ୍ ଇଣ୍ଡିଆରେ ପହଞ୍ଚିଥିଲେ।

୨୭ ମାର୍ଚ୍ଚ ୨୦୧୧ରେ ଜନ୍ମିତ ବିହାରର ବୈଭବ ସୂର୍ଯ୍ୟବଂଶୀ ୧୯ ଏପ୍ରିଲ ୨୦୨୫ରେ ଲକ୍ଷ୍ନୌ ବିପକ୍ଷରେ ଖେଳି ଆଇପିଏଲରେ ଡେବ୍ୟୁ କରିଥିଲେ। ପ୍ରଥମ ବଲ୍‌ରେ ଛକା ମାରି ସେ ଦେଖାଇଲେ ଯେ ସେ ବୟସରେ ଯୁବ କିନ୍ତୁ ତାଙ୍କର ଉଦ୍ଦେଶ୍ୟ ବହୁତ ବଡ଼ । ଏହା ପରେ, ତାଙ୍କର ତୃତୀୟ ମ୍ୟାଚ୍‌ରେ, ସେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ୧୦୧ ରନ୍‌ର ଏକ ଝଡ ଭଳି ତୋଫାନୀ ଇନିଂସ ଖେଳିଥିଲେ। ୩୫ ବଲ୍‌ରେ ଏହି ଶତକ ହାସଲ କରିବା ପରେ, ସେ ରେ ଦ୍ୱିତୀୟ ଦ୍ରୁତତମ ଶତକ ଓ ପ୍ରଥମ ଭାରତୀୟ ବ୍ୟାଟସମ୍ୟାନ୍ ହୋଇଥିଲେ।

# ୨୨ ବର୍ଷ ପରେ ଇଂଲଣ୍ଡ-ଜିମ୍ବାୱେ ମଧ୍ୟରେ ଟେଷ୍ଟ କ୍ରିକେଟ୍

ନୂଆଦିଲ୍ଲୀ: ଟେଷ୍ଟ କ୍ରିକେଟ ତିନୋଟି ଫର୍ମାଟରେ ସବୁଠୁ ପୁରୁଣା ଫର୍ମାଟ ଅଟେ ଟେଷ୍ଟ କ୍ରିକେଟର ଧୁମ ବର୍ଷ ସାରା ରହିଛି ଏହି କାରଣରୁ ନେକ ଦିନ ପୂର୍ବରୁ ହିଁ ଟେଷ୍ଟ ସିରିଜର ପ୍ରସ୍ତୁତି ଚାଲୁ ହୋଇଯାଏ। ଏକ ଟେଷ୍ଟ ସିରିଜ ମେ ୨୦୨୫ରେ ଖେଳାଯିବାକୁ ଥିଲା, ଯେଉଁଥିରେ ଏକମାତ୍ର ଟେଷ୍ଟ ମ୍ୟାଚ ୪ ଦିନର ଖେଳାଯିବ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ, କେଉଁ ଟିମ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ ଖେଳାଯିବ। ଇଂଲଣ୍ଡରେ ୨୨ ମେରେ ୪ ଦିନିଆ। ଟେଷ୍ଟ ମ୍ୟାଚ ଖେଳାଯିବ। ଏହି ମୁକାବିଲାରେ ଇଂଲଣ୍ଡ

## ହେବ ୪ ଦିନିଆ ମ୍ୟାଚ୍

ଏବଂ ଜିମ୍ବାୱେ ମୁହାଁମୁହିଁ ହେବେ। ଏହି ଦୁଇଟି ଟିମ ହାରାହାରି ୨୨ ବର୍ଷ ପରେ ଟେଷ୍ଟ ମ୍ୟାଚ ଖେଳିବେ।୨୦୦୩ରେ ଟେଷ୍ଟ ମ୍ୟାଚରେ ସାମ୍ନା-ସାମ୍ନି ହୋଇଥିଲା ସେହି ମ୍ୟାଚରେ ଇଂଲଣ୍ଡ ଜିମ୍ବାୱେକୁ ୬୯ ରନରେ ହରାଇଥିଲା। ଏହା ଜିମ୍ବାଙ୍କ ୪ ଦିନିଆ ଟେଷ୍ଟ ମ୍ୟାଚ ଏହା ପୂର୍ବରୁ ସେ ଡିସେମ୍ବର ୨୦୧୭ରେ ସାଉଥ ଆଫ୍ରିକା ବିପକ୍ଷରେ ଏକ ଡେ-ନାଇଟ ଚାରି ଦିନିଆ। ଟେଷ୍ଟ ମ୍ୟାଚ ଖେଳିଥିଲା। ସେହିପରି ଇଂଲଣ୍ଡକୁ ଦୁଇଟି ଚାରିଦିନିଆ। ମ୍ୟାଚ ଖେଳିବାର ଅନୁଭବ ରହିଛି ଇଂଲଣ୍ଡ ଟିମ ୨୦୧୯ ଏବଂ ୨୦୨୩ରେ ଆୟରଲ୍ୟାଣ୍ଡ ବିପକ୍ଷରେ ଦୁଇଟି ଚାରି ଦିନିଆ। ଟେଷ୍ଟ ମ୍ୟାଚ ଖେଳିଥିଲା।

# ମୁମ୍ବାଇକୁ ୩ ୱିକେଟରେ ପରାସ୍ତ କଲା ଗୁଜରାଟ



ମୁମ୍ବାଇ,୭।୫: ଡିଏଲଏସ୍ ଆଧାରରେ ଗୁଜରାଟ ଟାଇଟାନ୍ସ ମୁମ୍ବାଇ ଇଣ୍ଡିଆନ୍ସକୁ ତିନି ୱିକେଟରେ ପରାସ୍ତ କରିଛି ବର୍ଷା ପ୍ରଭାବିତ ମ୍ୟାଚ୍‌ରେ, ଗୁଜରାଟକୁ ୧୯ ଓଭରରେ ୧୪୭ ରନ୍‌ର ଟାର୍ଗେଟ ଦିଆଯାଇଥିଲା। ଯାହାକୁ ଦଳ ହାସଲ କରିନେଇଥିଲା। ପୂର୍ବରୁ ମୁମ୍ବାଇ ୨୦ ଓଭରରେ ୮ ୱିକେଟ୍ ହରାଇ ୧୫୫ ରନ୍ ସଂଗ୍ରହ କରିଥିଲା। ମୁମ୍ବାଇ ପାଇଁ ୱିଲ୍ ଜ୍ୟାକ୍ସ ସର୍ବାଧିକ ୫୩ ରନ୍ ର ଇନିଂସ ଖେଳିଥିଲେ। ଗୁଜରାଟ ପକ୍ଷରୁ ଗିଲ୍ ୪୩, ବଟଲର ୩୦ ରନ୍, ରଦରଫୋର୍ଡ ୨୮, ତେୱତିଆ ୧୧ ରନ୍, କୋଟେଜ୍ ୧୨ ରନ୍ କରିଥିଲେ।

**ମୁମ୍ବାଇ ୧୫୫/୮**
**ଗୁଜରାଟ ୧୪୭/୭**

ଗୁଜରାଟ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ଫଳରେ ବ୍ୟାଟିଂ କରିବାକୁ ଓହ୍ଲାଇଥିଲା ମୁମ୍ବାଇ। ଆଉ ପ୍ରଥମ ଓଭରରେ ରିକଲଟନଙ୍କ ନାଁରେ ପ୍ରାରମ୍ଭିକ ଝଟକା ଲାଗିଥିଲା ।ମହମ୍ମଦ ସିରାଜ୍ ତାଙ୍କୁ ୨ ରନ୍‌ରେ ଆଉଟ୍ କରିଥିଲେ। ଏହାପରେ ଚତୁର୍ଥ ଓଭରରେ ଅର୍ଶଦ ଖାନଙ୍କ ଶିକାର ହୋଇଥିଲେ ରୋହିତ ଶର୍ମା। ସେ ମାତ୍ର ୭ ରନ୍ କରି ଆଉଟ୍ ହୋଇଥିଲେ ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରିଥିବା ମୁମ୍ବାଇକୁ କିଛି ସମୟ ପାଇଁ ସମ୍ଭାଳି ନେଇଥିଲେ ୱିଲ୍ ଜ୍ୟାକ୍ସ ସେ ୩୫ଟି ବଲ୍ ଖେଳି ୫୩ ରନ୍ କରିଥିଲେ। ସେହିପରି ସୂର୍ଯ୍ୟକୁମାର ଯାଦବ ୨୪ ବଲ୍ ଖେଳି ଦଳୀୟ ସ୍କୋରରେ ୩୫ ରନ୍ ଯୋଗ କରିଥିଲେ। ଏହାପରେ କ୍ୟାପଟେନ୍ ହାର୍ଦ୍ଦିକ୍ ପାଣ୍ଡ୍ୟା ଓ ନମନ ଧୀର ସେତେଟା କିଛି ଖାସ୍ କରିପାରିନଥିଲେ। ହେଲେ କର୍ବିନ୍ ବସ୍ ଶେଷରେ ୨୭ ରନ୍ କରି ଦଳୀୟ ସ୍କୋରକୁ ୧୫୫ରେ ପହଞ୍ଚାଇଥିଲେ। ଗୁଜରାଟ ପକ୍ଷରୁ ସାଇ କିଶୋର ସର୍ବାଧିକ ୨ଟି ୱିକେଟ୍ ନେଇଥିଲେ। ସେହିପରି ପ୍ରସିଦ କୃଷ୍ଣା, ଅର୍ଶଦ ଖାନ, ମହମ୍ମଦ ସିରାଜ, ରସିଦ ଖାନ ଏବଂ ଜେରାଲ୍ଡ କୋଏଟଜୀ ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ